ଧରିତ୍ରୀ
DHARITRI
February 21-27, 2021 ₹ 2/-

# ଛୁଟିଦିନ




# ଚିଠି





ଚିଠି! ଯେଉଁ ନାଁ ର ଉଚ୍ଚାରଣରେ ହସ ଖେଳିଯାଏ ଓଠରେ। ଯିଏ ଦିନେ ସମ୍ପର୍କ ଯୋଡିବାର ଥିଲା ମାଧ୍ୟମ। ଏବେ ସେ ସମ୍ପର୍କ ଠାରୁ ଦୂରେଇ ଯାଇ କେବଳ ଜରୁରୀ କାମର ମାଧ୍ୟମ ହୋଇ ରହିଯାଇଛି...

୩
ପ୍ରଚ୍ଛଦ ପ୍ରସଙ୍ଗ

ସିନେମା
୮/୯

୧୩
ସହରଠୁ ଦୂର



# କେଉଁ ଦିଗକୁ ମୁହଁ କରି ଖାଇବେ

**ବାସ୍ତୁ ଶାସ୍ତ୍ରରେ ଭୋଜନ କରିବା ଲାଗି ଦିଗ ନିର୍ଦ୍ଧାରଣ ହୋଇଛି। ସେହି ଦିଗରେ ଭୋଜନ କଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହେ। ଆଉ ଭୁଲ ଦିଗରେ ଭୋଜନ କଲେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ସୃଷ୍ଟି ହୋଇପାରେ...**

**ପୂର୍ବ ଦିଗ–** ପୂର୍ବ ଦିଗକୁ ମୁହଁ କରି ଭୋଜନ କଲେ ରୋଗ ଓ ମାନସିକ ଚାପ ଦୂର ହୁଏ। ମସ୍ତିଷ୍କକୁ ସ୍ଫୁର୍ତ୍ତି ମିଳିଥାଏ। ଖାଦ୍ୟ ଭଲଭାବେ ହଜମ ହୁଏ। ତେଣୁ ସ୍ୱାସ୍ଥ୍ୟ ଠିକ୍ ରହେ। ବୟସ୍କ ଓ ଅସୁସ୍ଥ ରହୁଥିବା ବ୍ୟକ୍ତି ଏହି ଦିଗକୁ ମୁହଁ କରି ଖାଇବା ଭଲ।

**ଉତ୍ତର ଦିଗ–** ଯେଉଁମାନେ



ଧନ, ବିଦ୍ୟା ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ କରିବାକୁ ଚାହାନ୍ତି ସେମାନେ ଉତ୍ତର ଦିଗକୁ ମୁହଁ କରି ଭୋଜନ କରିବା ଭଲ। କ୍ୟାରିୟର ସଚେତନ ଯୁବପିଢି ଓ ବିଦ୍ୟାର୍ଥୀ ମଧ୍ୟ ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ହୋଇପାରେ।

**ପଶ୍ଚିମ ଦିଗ–** ଏହି ଦିଗକୁ ଲାଭର ଦିଗଭାବେ ବିବେଚନା କରାଯାଏ। ବ୍ୟବସାୟ, ଚାକିରି କରିଥିବା ବ୍ୟକ୍ତି ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ସାବ୍ୟସ୍ତ ହୋଇପାରେ।

**ଦକ୍ଷିଣ ଦିଗ–** ଏହି ଦିଗକୁ ମୁହଁ କରି ଭୋଜନ କଲେ କୌଣସି ହାନୀ ହୋଇ ନ ଥାଏ। ତେବେ ଯେଉଁମାନଙ୍କର ମାତାପିତା ଜୀବିତ ଅଛନ୍ତି ସେମାନେ ଏହି ଦିଗରେ ଖାଇବା ଉଚିତ ନୁହେଁ। ଯଦି ଏକାଠି ଅନେକ ଲୋକ ବସି ଖାଉଛନ୍ତି ତେବେ କୌଣସି ଦିଗର ପ୍ରଭାବ କାହାରି ଉପରେ ପଡି ନ ଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୨୧-୨୭

**ମେଷ** – ଶୁଭଖବର ପାଇବେ, ବୁଝାମଣାରେ ଦ୍ୱନ୍ଦ୍ୱ ସୃଷ୍ଟି, ବନ୍ଧୁଙ୍କ ସାନ୍ତ୍ୱନା ମିଳିବ, ସମସ୍ୟା ସୁଧାରି ନେବେ, ଦୂରଯାତ୍ରା କରିପାରନ୍ତି, ପ୍ରଶାସନିକ ବିବାଦ, ଆଇନ ସହାୟତା ଲୋଡିବେ, ପରିବାରରେ ଝଗଡାର ଆଶଙ୍କା ।

**ବୃଷ** – ସ୍ୱାସ୍ଥ୍ୟ ସମସ୍ୟାରେ ଦୁଶ୍ଚିନ୍ତା, ବନ୍ଧୁମାନଙ୍କ ପରାମର୍ଶ, ଅଧ୍ୟାପନାରେ ଉନ୍ନତି, ନୂତନ କାର୍ଯ୍ୟାରମ୍ଭରେ ବ୍ୟସ୍ତତା, ମାନସିକ ଚାପ ବଢିବ, ସରକାରୀ ସହାୟତା ପ୍ରାପ୍ତି ।

**ମିଥୁନ** – ସ୍ଥଗିତ କାର୍ଯ୍ୟାରମ୍ଭ, ସାହାଯ୍ୟ ମିଳିବ, ଆଶଙ୍କାରୁ ଅସ୍ଥିରତା, ଭଲ କାମ କରି ନିନ୍ଦା ଶୁଣିବେ, ପାରିବାରିକ ଶାନ୍ତି, ଋଣମୁକ୍ତ ହେବେ, ବ୍ୟବସାୟିକ ସଫଳତା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।

**କର୍କଟ** – ଯାତ୍ରା ଶୁଭପ୍ରଦ ହେବ, ଅସମୟ ଭୋଜନରୁ ଅଜୀର୍ଣ୍ଣ ପୀଡ଼ା, ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ଅନୁରକ୍ତି, ଶତ୍ରୁତାରୁ କାର୍ଯ୍ୟହାନି, ଆମଦାନୀ ବାଣିଜ୍ୟରେ ବାଧା, ପ୍ରତିଯୋଗିତାରେ ବିଫଳତା, ସହକର୍ମୀଙ୍କ ସହାନୁଭୂତି।

**ସିଂହ** – କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ପଦୋନ୍ନତିର ସୂଚନା, ନୂତନ ଯୋଜନାରମ୍ଭ, ପିତାଙ୍କ ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁ ସମ୍ପର୍କରେ ଫାଟ, ସୌଖୀନଦ୍ରବ୍ୟ କ୍ରୟ କରିବେ, ଅଶୌଚ ଖବର ପାଇପାରନ୍ତି।

**କନ୍ୟା** – ବନ୍ଧୁପ୍ରସ୍ତାବ ସ୍ଥିର ହେବ, ମୂଲ୍ୟବାନ୍ ଅଳଙ୍କାର କ୍ରୟ, ପରିବାରର ସହମତି, ଦକ୍ଷତାଭିତ୍ତିକ ପ୍ରଶଂସା, ବନ୍ଧୁଙ୍କୁ ଭେଟିପାରନ୍ତି, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ବୃଦ୍ଧି, ବିଦେଶଯାତ୍ରାର ସୁଯୋଗ।

**ତୁଳା** – ନୂତନ ସମ୍ପର୍କ ଯୋଡିବେ, ମାନସିକ ସୁସ୍ଥତା ଫେରିବ, ଭୂ-ସମ୍ପତ୍ତି ନେଇ ବିବାଦ, ଶ୍ରମହେତୁକ କ୍ଳାନ୍ତି ଓ ଅବସାଦ, ପାରିବାରିକ ତିକ୍ତତାର ସମାପ୍ତି, ଅବହେଳିତ କାର୍ଯ୍ୟରୁ ଅନୁତାପ, ଅପନିନ୍ଦା ଶୁଣିପାରନ୍ତି ।

**ବିଛା** – ବନ୍ଧୁଙ୍କ ପ୍ରତାରଣା, ଠକାମିରେ ପଡିପାରନ୍ତି, କ୍ରନିକ୍‌ରୋଗରେ ପୀଡାବୃଦ୍ଧି, ସାମାଜିକ ସମ୍ମାନ ପାଇବେ, ରଚନାତ୍ମକ କାମରୁ ପ୍ରଶଂସା, ରପ୍ତାନି ବାଣିଜ୍ୟରେ ପ୍ରତିବନ୍ଧକ, ଗବେଷଣାରେ ସଫଳତା, ବନ୍ଧୁମିଳନରୁ ଆନନ୍ଦ।

**ଧନୁ** – ମାଙ୍ଗଳିକ କାର୍ଯ୍ୟରେ ସମସ୍ୟା, ସମ୍ପର୍କୀୟଙ୍କ ସାହାଯ୍ୟପ୍ରାପ୍ତି, ନବଜାତ ସନ୍ତାନ ଲାଭ, ବୃତ୍ତି ବାଣିଜ୍ୟରେ ସଫଳତା, ଦୂରଯାତ୍ରା କରିବାକୁ ପଡିପାରେ, ଉପରିସ୍ଥଙ୍କ ବୈମାତୃକ ମନୋଭାବରୁ ଦୁଃଖ।

**ମକର** – ମିଥ୍ୟା ଅଭିଯୋଗରୁ ନିନ୍ଦା, ଦୁର୍ବଳ ମାନସିକତା, ହିତୈଷୀଙ୍କ ଆଶ୍ୱାସନା, ଅର୍ଥନୈତିକ ଅଭିବୃଦ୍ଧି, ସମସ୍ୟାର ସରଳ ସମାଧାନ, ପରିବାରରେ ବ୍ୟତିକ୍ରମ ସୃଷ୍ଟି, ବନ୍ଧୁ ଧୋକା ଦେବେ ।

**କୁମ୍ଭ** – ସହକର୍ମୀଙ୍କ ଅସହଯୋଗ, ଭୁଲ୍ ବୁଝାମଣାରୁ ସନ୍ଦେହ, ବନ୍ଧୁଙ୍କୁ ସାହାଯ୍ୟଭିକ୍ଷା, ଭ୍ରମଣ ସୁଯୋଗ ପାଇବେ, କଳାକାରିଗରିରେ ଉନ୍ନତି, ଯାନ୍ତ୍ରିକ ଜିନିଷ କ୍ରୟ, ଅପ୍ରିୟ ସତ୍ୟଭାଷଣରୁ କଳହ, ଯାନବାହନରେ ତ୍ରୁଟି, ପ୍ରକାଶନରେ ବିଳମ୍ବ।

**ମୀନ** – କର୍ମଜଞ୍ଜାଳ ବୃଦ୍ଧି, ପରିବାରରେ ମତପାର୍ଥକ୍ୟ, କରଜଦାତାଙ୍କ ଚାପ, ସନ୍ତାନଙ୍କ ବିଶୃଙ୍ଖଳାରୁ ଦୁଶ୍ଚିନ୍ତା, ଶତ୍ରୁତାରୁ ଗଣ୍ଡଗୋଳ, ବ୍ୟବସାୟିକ ସଫଳତା, ଆନୁଷ୍ଠାନିକ କାମରେ ବ୍ୟସ୍ତତା, ରାଜନୈତିକ ସମୀକରଣ, ସାଂଗଠନିକ ଦକ୍ଷତା ବୃଦ୍ଧି।

# ଲମ୍ବା ବସ୍

**ବ**ସ୍ ତ ଅନେକେ ଦେଖିଥିବେ ଆଉ ସେଥିରେ ବସିବାର ଅନୁଭୂତି ବି ଅଙ୍ଗେ ନିଭାଇଥିବେ। ହେଲେ ଏଠାରେ ଯେଉଁ ବସ୍ କଥା କୁହାଯାଉଛି ତାହାର କଥା ହିଁ କିଛି ନିଆରା। କାରଣ ଏହାକୁ ହଠାତ୍ ଯିଏ ଦେଖିବ ସିଏ ଦ୍ୱନ୍ଦ୍ୱରେ ପଡ଼ିଯିବ ଏହା ଏକ ବସ୍ ନା ଏକ ଛୋଟ ଟ୍ରେନ୍। କାରଣ ଟ୍ରେନ୍‌ରେ ଯେମିତି ଯାତ୍ରୀମାନଙ୍କ ବସିବା ନିମନ୍ତେ ଏକାଧିକ କମ୍ପାର୍ଟମେଣ୍ଟ ଥାଏ, ଠିକ୍ ସେମିତି ଏହି ବସ୍‌ରେ ମଧ ରହିଛି ୫ଟି କମ୍ପାର୍ଟମେଣ୍ଟ ; ଯେଉଁଥିପାଇଁ ଏହା ସାଧାରଣ ବସ୍ ତୁଳନାରେ ଅଧିକ ଲମ୍ବା ଦେଖାଯାଇଥାଏ। ସେହିପରି ୫ଟି କମ୍ପାର୍ଟମେଣ୍ଟ ଥିବା ଯୋଗୁ ଏହି ବସ୍‌ରେ ଏକକାଳୀନ ୩୮୦ ଲୋକ ଆରାମରେ ଯାଇପାରିବେ। କିନ୍ତୁ ଏହି ବସ୍‌ଟିର ଟିକେ ଅସୁବିଧା ରହିଛି। ଏହା ବେଶି ମୋଡ଼ ଥିବା ରାସ୍ତାରେ ସୁବିଧାରେ ଯାଇପାରେ ନାହିଁ। କିନ୍ତୁ ସାଦାସିଦା ରାସ୍ତା ଏପରି କି ସିଧା ମୋଡ ଥିବା ରାସ୍ତାରେ ଏହା ବେଶ୍ ସ୍ପିଡ୍‌ରେ ଗତି କରିପାରେ। ଏହି ନିଆରା ଡିଜାଇନ୍‌ର ବସ୍ ମୁଖ୍ୟତଃ ଚାଇନାରେ ଦେଖିବାକୁ ମିଳିଥାଏ ; ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ଲକ୍ଷ ଆମେରିକୀୟ ଡଲାର ରଖାଯାଇଥିବା ସୂଚନା ରହିଛି।



# ପାଠକୀୟ

ଏକଦା ଭାରତ ଥିଲା ରାଜା ମହାରାଜାଙ୍କ ଦେଶ। ସେମାନଙ୍କ ମଧ୍ୟରୁ କିଏ ଅଦମ୍ୟ ସାହସ ଓ ବୀରତ୍ୱ ପାଇଁ ପରିଚିତ ଥିଲେ ତ ଆଉ କିଏ ପରିଚିତ ଥିଲେ ସେମାନଙ୍କ ଅୟସ ଜୀବନ ଓ ଅଜବ ସଉକ ପାଇଁ। ନିଜ ଇଚ୍ଛା, ନିଜ ନିୟମରେ ଚାଲୁଥିଲେ ଅନେକ। ଆଉ ପ୍ରତି ରାଜା ମହାରାଜାଙ୍କ ଜୀବନ ଥିଲା ଏକ କାହାଣୀ ପରି। ସେମିତି କେତେଜଣ ବିଳାସୀ ରାଜାଙ୍କ ସମ୍ପର୍କରେ ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ଖୁସି ଲାଗିଲା। 'ବିନା କଏଲ୍‌ରେ ଦୂର ହେବ ମଶା' ପାଠଟି ଏକ ଉପାଦେୟ ବିଷୟ ଥିଲା।

*–ରାଜଶ୍ରୀ ମହାନ୍ତି, ସୁନ୍ଦରଗଡ଼*

ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ବିଳାସୀ ରାଜା' ଏକ ତଥ୍ୟପୂର୍ଣ୍ଣ ବିଷୟ ଥିଲା। ଏଥିରୁ ଅତୀତର କେତେଜଣ ରାଜାଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। 'ନବବଧୂ ପରି ଝରଣା' ପାଠଟିରେ ସ୍ଥାନିତ ଫଟୋଟି ସତରେ ଖୁବ୍ ସୁନ୍ଦର ହୋଇଥିଲା। 'ଫ୍ଲୋର୍ ଲେଙ୍ଗ୍‌ଥ ସ୍ଲିଭ୍ ଫ୍ୟାଶନ' ପାଠଟିରୁ ବି ଅନେକ ସୁନ୍ଦର ସୁନ୍ଦର ଡ୍ରେସ୍ ଡିଜାଇନ୍ ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ତେଜସ୍ୱିନୀ ପ୍ରଧାନ, ସିଡିଏ, କଟକ*

ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ଅନେକ ଜଣା, ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ନଦୀ, ନିର୍ଜନତା ଓ କିଛି ଗୋଲାପ' ନାମକ ଗପଟି ବି ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରୁ ସେଲିବ୍ରିଟିମାନଙ୍କର ରୋଚକଭରା ରିଲ୍ ତଥା ରିୟଲ୍ ଲାଇଫ୍ ସମ୍ପର୍କିତ କାହାଣୀଗୁଡ଼ିକ ପଢି ଖୁବ୍ ମଜା ଲାଗିଲା।

*–ଦୈତାରୀ ମିଶ୍ର, ବରମୁଣ୍ଡା, ଭୁବନେଶ୍ୱର*

ପ୍ରଥମ ରୋଜଗାର ସ୍ତମ୍ଭରୁ ଅଧ୍ୟାପିକା ତଥା ସାମାଜିକ କର୍ମୀ ଅମିୟବାଳା ପରିଡ଼ାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ଏହା ବେଶ୍ ମର୍ମସ୍ପର୍ଶୀ ହୋଇପାରିଥିଲା। ସେହିପରି 'ବାଉଁଶ କଳାକୃତି' ନାମକ ପାଠଟିରୁ ଅନେକ ସୁନ୍ଦର ସୁନ୍ଦର ହାତ ତିଆରି ବାଉଁଶ କାରିଗରିକୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା। ସାଥୀର ଉତ୍ତର ମୋ ମନକୁ ସବୁବେଳେ ଛୁଇଁଯାଏ।

*–ଉମା ଶଙ୍କର ସାହୁ, ଆଳି, କେନ୍ଦ୍ରାପଡ଼ା*

ମଡେଲ୍ ମିର୍‌ରରେ ବନ୍ଦନା ବେଶ୍ ସୁନ୍ଦରୀ ଲାଗୁଥିଲେ। 'ଐତିହାସିକ କ୍ଷେତ୍ର ରତ୍ନଗିରି' ସମ୍ପର୍କରେ ସହର ପୃଷ୍ଠାରୁ ପଢି ଅନେକ ନୂଆ କଥା ଜାଣିବାକୁ ମିଳିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ପୁରୁଣା ଟାୟାରରୁ ସୁନ୍ଦର ଜୋତା' ନାମକ ପାଠଟି ଏକ ଉପାଦେୟ ବିଷୟ ଥିଲା। ପୁରୁଣା ଟାୟାରରୁ କେମିତି ସୁନ୍ଦର ସୁନ୍ଦର ଜୋତା ତିଆରି କରିହେବ ତାହା ଏଥିରୁ ଜାଣିହେଲା।

*–ମୁସ୍କାନ ମହାନ୍ତି, କୋରାପୁଟ*

## ବିଶେଷ ଚିଠି



ଛୁଟିଦିନ ଆହେ ଛୁଟିଦିନ
ତୁମ ପରି କେହି ନୁହେଁ ସମ।
ଷୋହଳ ପୃଷ୍ଠାରେ ସଜେଇ ହୋଇ
ଆସିଥାଅ ପ୍ରତି ରବିବାର ଦିନ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
ସିନେମା ଦିଏ ସେଲିବ୍ରିଟିଙ୍କ ଖବର।
ସାଥୀର ଉତ୍ତର ମୋହିଥାଏ ମନ
ନୂଆ ତଥ୍ୟ ଦେଇଥାଏ ସହରଠୁ ଦୂର।
ପ୍ରଭୁଙ୍କ ନିକଟେ କରୁଛି ମିନତି
ସବୁବେଳେ ତୁମେ ଆସୁଥାଅ ଏମିତି।

*–ଶ୍ରୀୟାଶ୍ରୀ ମିଶ୍ର, ଚନ୍ଦନପୁର, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଚିଠି





**ଚିଠି! ଯେଉଁ ନାଁ ର ଉଚ୍ଚାରଣରେ ହସ ଖେଳିଯାଏ ଓଠରେ। ଯିଏ ଦିନେ ସମ୍ପର୍କ ଯୋଡ଼ିବାର ଥିଲା ମାଧ୍ୟମ। ଏବେ ସେ ସମ୍ପର୍କ ଠାରୁ ଦୂରେଇ ଯାଇ କେବଳ ଜରୁରୀ କାମର ମାଧ୍ୟମ ହୋଇ ରହିଯାଇଛି...**

ଉଦୁଉଦିଆ ଦ୍ୱିପ୍ରହର। ଗାଁ ଭିତରକୁ ପ୍ରବେଶ ମାତ୍ରେ କାହାରି ନଜର ପଡ଼ିପାରେ ସାହି କୋଠଘର, ମଣ୍ଡପ କି ବରଗଛ ଚାନ୍ଦିନୀରେ ବସି ତାସପାଲି ପକାଉଥିବା ଥୋକେ ଲୋକଙ୍କ ଉପରେ। ଠିକ୍ ଏତିକି ବେଳେ ଡାକବାଲା ସାହିର ପଡ଼ୋଶୀ ଘର ସମ୍ମୁଖରେ ପହଞ୍ଚି ଅଟକିଯାଏ। ସାଇକେଲ ବେଲକୁ -କ୍ରିଂ..କ୍ରିଂ ବଜାଇ ଡାକେ ଚିଠି ଆସିଛି ଚିଠି ... ଚିଠି, ତେବେ ଏମିତି ଡାକଶୁଣି କିଛିକ୍ଷଣ ମଧ୍ୟରେ ଘରର ମୁରବି ତରତରରେ ଘରୁ-ଦାଣ୍ଡକୁ ବାହାରିଆସି ଡାକବାଲାଙ୍କ ହାତରୁ ଚିଠିଟିଏ ନେବାବେଳେ ମନରେ ବଢ଼ିଯାଏ ଆବେଗ ଓ ଉତ୍କଣ୍ଠା। କେହି ପଢୁଆଲୋକଙ୍କ ଦ୍ୱାରା ଚିଠିଟି ପଢ଼ିବା ପାଇଁ ବ୍ୟସ୍ତ ହୋଇପଡ଼ନ୍ତି। ତେବେ ଦିନଥିଲା ଚିଠିଟି କେଉଁଠୁ ଆସିଛି, କିଏ ଦେଇଛି, କ'ଣଲେଖା ହୋଇଛି ଇତ୍ୟାଦି ଜାଣିବା ପାଇଁ ପଢ଼ାଳିଙ୍କୁ ଘେରି କିଛି ସମୟ ଚିଠିପଢ଼ା ଶୁଣୁଥିଲେ ଗାଁର କେତେଜଣ ବୟସ୍କ ଓ ମଧ୍ୟବୟସ୍କ ବ୍ୟକ୍ତି। ପୁଣି ଚିଠିରେ ବ୍ୟବହାରିକ ଶବ୍ଦରେ କାହାରିକୁ ମାନନୀୟ, ସମ୍ମାନ, ଶ୍ରଦ୍ଧେୟ, ସ୍ନେହର, ପ୍ରିୟ, ହତଭାଗ୍ୟ, ଗ୍ରାମଦେବୀ, ଦେବତାଙ୍କ ଚରଣଶରଣେ, ଗୁରୁଜନ ଲଘୁଜନଙ୍କୁ ସମ୍ମାନ ପୁଣି ଶେଷରେ । ଇତି । ତୁମର ... ଇତ୍ୟାଦି ଶବ୍ଦ ସଂଯୋଜନାରେ ଚିଠିର ଭାଷା ପରକୁ ଆପଣେଇବାର ଭାବ ହିଁ ସୃଷ୍ଟି କରୁଥିଲା। ଚିଠିପଢ଼ାରେ ଶବ୍ଦର ଉଚ୍ଚାରଣ ବେଳେ ଧୀର, ଗମ୍ଭୀର, ଉଚ୍ଚ ଓ କରୁଣ ସ୍ୱର ଶୁଣି ଅପେକ୍ଷାରତ ବ୍ୟକ୍ତିମାନେ କୃତ୍ୟକୃତ୍ୟ ହୋଇପଡୁଥିଲେ। କାହାରି ମୁହଁରେ ପ୍ରଶଂସା ତ କାହାରି ଆଖି ଲୁହଛଳଛଳ ହୋଇପଡୁଥିଲା। ପୁଣି କିଏ ଅଭିମାନରେ ଲାଜେଇ ଯାଉଥିଲା। ଆଉ କାହାରି ଗୋପନକଥା ପଦାରେ ପଡ଼ିଯିବାର ଆଶଙ୍କାରେ ଅଧାରୁ ଚିଠିପଢାଳିଙ୍କୁ ଅଟକାଇ, ଅନ୍ୟମନସ୍କ ହୋଇଯାଉଥିଲେ। ତେବେ ଚିଠି କେତେ ନୀରବ ଗୋପନ ପରଶ ଘେନିଆସେ ତାହା ସେଇ ଚିଠିରୁ ହିଁ ଜଣାପଡ଼େ। ଚିଠି ଅତି ଆପଣାର। ଅତି ଗୋପନୀୟ। ସୁଖଦୁଃଖ, ହସକାନ୍ଦ, ଭୟ ନିର୍ଭୟ, ପ୍ରାପ୍ତି ଅପ୍ରାପ୍ତି ପରି ଭିନ୍ନ ଭିନ୍ନ ପ୍ରତିକ୍ରିୟାର ଲେଖା ଚିଠିରେ ଥାଏ। ସେ ଯାହା ବି ହେଉ ଚିଠି ଜରିଆରେ ପରିବାରଠାରୁ ଆରମ୍ଭକରି ଦୂର ସମ୍ପର୍କକୁ ଯୋଡ଼ିବାରେ ଚିଠି ଥିଲା ମାଧ୍ୟମ। ତେବେ ଶବ୍ଦ ମାଧ୍ୟମରେ ଭାବନାକୁ ପରସ୍ପର ନିକଟକୁ ଖବର ପଠେଇବାର ଏଇ ପରମ୍ପରା ଅନେକ ଦିନରୁ। ହେଲେ ଏବେ ବଦଳିଯାଇଛି ଚିଠିର ସ୍ୱରୂପ। ଚିଠି ଆଉ ଆତ୍ମିୟତାର ସମ୍ପର୍କ ଯୋଡ଼ିବାର ମାଧ୍ୟମ ହୋଇନାହିଁ। ଏହା କେବଳ ସରକାରୀ ବେସରକାରୀ ଦପ୍ତରର ଆବଶ୍ୟକ ଚିଠିପତ୍ରକୁ ଦେଣନେଣ କରିବାରେ ସୀମିତ ରହୁଛି। ସେଥିପାଇଁ ହୁଏତ ଡାକବାକ୍ସରେ ଆଗ ଭଳି ପଡୁନାହିଁ ଚିଠି କି ଗାଁରେ ଶୁଭୁନି ଆଉ ଡାକବାଲାର ସ୍ୱର ଚିଠି ଆସିଛି- ଚିଠି...ଚିଠି।

ଯୋଗାଯୋଗ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ତୁଲାଇ ଆସୁଛି ଚିଠି। ଚିଠି ହୋଇପାରେ ପ୍ରେମର, କି ଆଦେଶ ନିର୍ଦ୍ଦେଶର, ନିଯୁକ୍ତି, ଛଟେଇର, ବିବାହ ବିଚ୍ଛେଦର, ଶୋକଆନନ୍ଦର, ଧମକ ସାନ୍ତ୍ୱନାର, ଯୁଦ୍ଧ ଡାକରା ଓ ଶାନ୍ତି ବାର୍ତ୍ତା ଇତ୍ୟାଦିର। କିନ୍ତୁ ସ୍କୁଲବେଳର ଚିଠି ଥାଏ ସାଙ୍ଗନିକଟକୁ, କେବେ ଗାଁରୁ ଦୂରବିଦେଶକୁ ଯାଇଥିବା ସ୍ୱାମୀଙ୍କ ଫେରନ୍ତା ପଥକୁ ଅନେଇ ରହିଥିବା ସ୍ତ୍ରୀଙ୍କ ନିକଟକୁ ଆସୁଥିବା ଅନ୍ତରଙ୍ଗପତ୍ର ଦେଉଥିଲା ଆଶ୍ୱାସନା ଓ ଆଶ୍ୱସ୍ତି। ତେବେ ବିଭିନ୍ନ ଭାଷାରେ ଲେଖାଯାଉଥିବା ଚିଠିର ଶବ୍ଦ ଭାବକୁ ପ୍ରକାଶ କରିଥାଏ।

**ଦେଶ ବିଦେଶରେ ଚିଠି:** ଶିକ୍ଷାବିତ୍ ତଥା ଇତିହାସ ଗବେଷକ ସତ୍ୟବାଦୀ ବଳିୟାରସିଂହ କୁହନ୍ତି- ଆଧୁନିକ ଭାରତରେ ଚିଠିପତ୍ର ପ୍ରେରଣ ଓ ପ୍ରାପ୍ତିର ଯେଉଁ ବ୍ୟବସ୍ଥା ଦେଖୁ ତାହା ଇଂରେଜ ଅମଳରେ ପ୍ରାୟ ୧୮୪୮ଖ୍ରୀଷ୍ଟାବ୍ଦରେ ପ୍ରଚଳିତ ହୋଇଥିଲା। କିନ୍ତୁ ଅତି ପ୍ରାଚୀନ କାଳରୁ ରାଜା ମହାରାଜା, ବାଦଶାହମାନେ ଘୋଡ଼ା, ହାତୀ, ଓଟ ଏବଂ ଦୂତ ବା ଡଗରଙ୍କ ଦ୍ୱାରା ନିଜନିଜର ଚିଠି ବା ହୁକୁମ୍‌କୁ ବିଭିନ୍ନ ସ୍ଥାନରୁ ପଠାଇବା ପାଇଁ ବ୍ୟବସ୍ଥା କରୁଥିଲେ। ଡାକ ବ୍ୟବସ୍ଥା ପୃଥିବୀରେ ଅତି ପ୍ରାଚୀନ । ଖ୍ରୀ.ପୂ. ୧୪୦୦ ବର୍ଷର ଖଣ୍ଡିଏ ଫଳକରୁ ମିଶର ଦେଶରେ ରାଜାଙ୍କର ଡାକ ପଠାଇବା ବ୍ୟବସ୍ଥା ଥିବାର ପ୍ରମାଣ ମିଳେ। ତେବେ ଇରାକ, ରୋମ, ଚାଇନା ଓ ଭାରତ ଆଦି ଆଉ କେତେକ ଦେଶରେ ଏହି ବ୍ୟବସ୍ଥା ଚଳି ଆସୁଥିଲା। ଭାରତର ସମ୍ରାଟ ଶେରଶାହ ଘୋଡ଼ା ସବାର ଦ୍ୱାରା ଚିଠିପତ୍ର ନେବା ଆଣିବା ବ୍ୟବସ୍ଥା ପ୍ରଚଳିତ କରିଥିଲେ। ୧୬୫୭ରେ ଇଂଲଣ୍ଡରେ ଡାକ ବ୍ୟବସ୍ଥା ପ୍ରଚଳନ ହୋଇଥିଲା। ପୂର୍ବକାଳରେ ବିଶେଷକରି ସୈନ୍ୟ ଓ ସମୟକ୍ରମେ ପୋଲିସ ବିଭାଗ ଦ୍ୱାରା ଚିଠିପତ୍ର ପଠାଯାଉଥିଲା। ପରବର୍ତ୍ତୀ ସମୟରେ ଭାରତରେ କମ୍ପାନୀ ଡାକ ନାମରେ ଡାକସେବା ଆରମ୍ଭ ହୋଇଥିଲା। ପରେ ୱାରେନ୍ ହେଷ୍ଟିଙ୍ଗ୍‌ସ ଏହି ଡାକ ସେବାକୁ ଅଗ୍ରଗତି କରିଥିଲେ। ପ୍ରାୟ ୧୭୭୪ ମସିହାରେ କଲିକତାଠାରେ କଲିକତା ଜିପିଓ ସ୍ଥାପନ କରି ଜଣେ ପୋଷ୍ଟ ମାଷ୍ଟର ଜେନେରାଲଙ୍କ ଦାୟିତ୍ୱରେ ଏହି କାର୍ଯ୍ୟଚାଲିଲା ; ଯାହା କି ସାଧାରଣ ଲୋକଙ୍କ ସେବାରେ ଲାଗିଥିଲା। ପରେ ବମ୍ବେ ଓ ମାଡ୍ରାସଠାରେ ଜେନେରାଲ ପୋଷ୍ଟ ଅଫିସ ହୋଇଥିଲା। ସେତେବେଳେ ବ୍ରିଟିଶମାନେ ନିଜର ସୁବିଧା ପାଇଁ ଏହି ଡାକ ସେବାକୁ ପ୍ରଚଳନ କରିଥିଲେ।

**ଭାରତରେ ପୋଷ୍ଟକାର୍ଡ:** ବିଭିନ୍ନ ସମୟର ଡାକଟିକେଟ ଓ ଡାକସମ୍ପର୍କିତ ଅନେକ ଲେଖାକୁ ସଂଗ୍ରହକରି ସାଇତି ରଖିଥିବା

→











ସତ୍ୟବାଦୀ ବଳିୟାରସିଂହ



ବିଭୂତି ପଟ୍ଟନାୟକ



ଶୁଭସ୍ମିତା ମହାନ୍ତି

ସଂଗ୍ରାହକ ବିଭୂତି ପଟ୍ଟନାୟକ କୁହନ୍ତି, ଭାରତରେ ୧୮୭୯ମସିହା ନଭେମ୍ବର ୮ରେ ପ୍ରଥମେ ପୋଷ୍ଟକାର୍ଡ ପ୍ରଚଳନ ହୋଇଥିଲା। ଏଥିରେ ରାଣୀ ଭିକ୍ଟୋରିଆଙ୍କ ଛବି ଥିଲା। ୧୯୪୯ମସିହା ସେପ୍ଟେମ୍ବର ୭ରେ ସର୍ବଭାରତୀୟ ସ୍ତରରେ ମଧ୍ୟ ପୋଷ୍ଟକାର୍ଡ ପ୍ରଚଳନ କରାଯାଇଥିଲା। ସେହିପରି ଭାରତ ସ୍ୱାଧୀନତା ପାଇବା ପରେ ସରକାର ଅଜନ୍ତାର ହାତୀଗୁମ୍ଫା ଚିତ୍ରଥିବା ପୋଷ୍ଟକାର୍ଡକୁ ପ୍ରଚଳନ କରିଥିଲେ। ପରବର୍ତ୍ତୀ ସମୟରେ ନୂତନ ମୁଦ୍ରଣ ପ୍ରଣାଳୀ ଯୋଗୁ ୫ପଇସା, ୬ପଇସା ୧୦, ୧୫, ୨୦, ୨୫ ଓ ୫୦ପଇସାରେ ପୋଷ୍ଟକାର୍ଡ ମୂଲ୍ୟ ରଖାଯାଇଥିଲା। ୧୯୭୨ ଅଗଷ୍ଟ ୧୫ରୁ ପୋଷ୍ଟକାର୍ଡ ଠିକଣା ଲେଖାଥିବା ସ୍ଥାନରେ ପିନ୍‌କୋଡ ଉଦ୍ଦିଷ୍ଟ ରହିଲା। ପୋଷ୍ଟକାର୍ଡକୁ ଦୁଇଭାଗରେ ବିଭକ୍ତ କରାଯାଇଛି- ସାଧାରଣବର୍ଗ ଓ ବିଶେଷ ବର୍ଗ। ଭାରତୀୟ ଡାକବିଭାଗ ଦ୍ୱାରା ୧୯୭୫ ମସିହାରୁ ପୋଷ୍ଟକାର୍ଡରେ ବିଭିନ୍ନ ବିଜ୍ଞାପନ ପ୍ରଚଳନ ହୋଇଥିଲା। ଏପରି କି ମେଘଦୂତ ପୋଷ୍ଟକାର୍ଡ ପ୍ରଚଳନ ହେଲା। ସେଥିରେ ଶିକ୍ଷା,ସ୍ୱାସ୍ଥ୍ୟ ଆଦି ଜନସଚେତନତା ସନ୍ଦେଶ ରହୁଥିଲା। ତେବେ କେତେକ କ୍ଷେତ୍ରରେ ପୋଷ୍ଟକାର୍ଡ ଦ୍ୱାରା ଗୋପନବାର୍ତ୍ତାକୁ ପ୍ରେରଣ କରିବାରେ ଅସୁବିଧା ଦେଖାଦେଉଥିବାରୁ ପରବର୍ତ୍ତୀ ସମୟରେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଚିଠିକୁ ବିଭିନ୍ନ ସ୍ଥାନକୁ କାଗଜରେ ଆଚ୍ଛାଦିତ କରି ପଠାଯାଉଥିଲା। ଏହାପରେ ମୁଦ୍ରା ଲଫାପାର ବ୍ୟବହାର ହେଲା।

**ପାରା ଦ୍ୱାରା ଚିଠି ପ୍ରେରଣ:**ଡାକ ବ୍ୟବସ୍ଥାରେ ଅନ୍ୟପକ୍ଷେ ଦେଶରେ ପୋଲିସ ବିଭାଗ ଦ୍ୱାରା ବି ନିର୍ଦ୍ଦିଷ୍ଟ ସ୍ଥାନରୁ ଅନ୍ୟ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ତାଲିମପ୍ରାପ୍ତ ପାରା ଓ କୁକୁରଙ୍କ ଦ୍ୱାରା ଚିଠିପତ୍ରକୁ ପ୍ରେରଣ କରାଯାଉଥିଲା। ଏହା ସମୟକ୍ରମେ ପରିବର୍ତ୍ତନ ଘଟିଛି।

**ବିଶ୍ୱର ପୁରାତନ ଡାକଘର:**ଡାକ ସମ୍ପର୍କିତ କେତେକ ପତ୍ରପତ୍ରିକାରୁ ସୂଚନା ମିଳେ ବିଶ୍ୱର ସର୍ବପୁରାତନ ଡାକଘରଟି ଅଛି ସ୍କଟଲାଣ୍ଡର ସାନକର ପ୍ରଦେଶରେ। ସ୍କଟଲାଣ୍ଡ ଏବଂ ଇଂଲଣ୍ଡର ଏକତ୍ରୀକରଣର ପାଞ୍ଚବର୍ଷ ପରେ ଏହି ଡାକଘର କାର୍ଯ୍ୟ ଆରମ୍ଭ କରିଥିଲେ। ସେତେବେଳେ ଏବର ଭଳି ଡାକପିଅନ ନ ଥିଲେ । ଡାକ ପିଅନମାନଙ୍କୁ ଦୌଡାଳି (ରନର୍)କୁହାଯାଉଥିଲା। ଯାନବାହନ ସୁବିଧା ନ ଥିବାରୁ ଏମାନଙ୍କୁ ଦୌଡ଼ିଦୌଡ଼ି ଚିଠି ପହଞ୍ଚାଇବାକୁ ପଡୁଥିଲା। ଏଥିପାଇଁ ଦୌଡ଼ାଳିଙ୍କୁ କିଛି ପାରିଶ୍ରମିକ ଦେବାକୁ ପଡୁଥିଲା।

**ପୋଷ୍ଟକାର୍ଡର ଜନ୍ମକଥା:** ଭାବର ଆଦାନପ୍ରଦାନ ପାଇଁ ଡାକସାମଗ୍ରୀ ପୋଷ୍ଟକାର୍ଡକୁ ଯୋଗାଯୋଗ ମାଧ୍ୟମ ଭାବେ ବ୍ୟବହୃତ ହୋଇଥିଲା। ୧୮୬୯ ଅକ୍ଟୋବର ୧ରେ ପ୍ରଥମକରି ଅଷ୍ଟ୍ରିଆରେ ପୋଷ୍ଟକାର୍ଡ ପ୍ରଚଳନ ହୋଇଥିବା କୁହାଯାଏ। ୧୮୭୨ମସିହାରେ ଗ୍ରେଟବ୍ରିଟେନରେ ଏବଂ ସମୟକ୍ରମେ ବିଭିନ୍ନ ଦେଶରେ ଏହା ପ୍ରଚଳନ ହୋଇଥିଲା।

**ଚିଠିର ବିଭିନ୍ନ ରୂପ:** ପୂର୍ବରୁ ଚିଠି, ଲଫାଫା ଆଦି କାଗଜ ଆକାରରେ ନ ଥିଲା। ମାଟି, ପତଳା କାଠପଟା, ଚମଡ଼ା ଇତ୍ୟାଦିକୁ ବ୍ୟବହାର କରାଯାଉଥିଲା। ସମୟକ୍ରମେ କାଗଜରେ ଲଫାପା ହୋଇଥିଲା। ଯେମିତି କି ଇତିହାସରୁ ଜଣାପଡ଼େ ବେବିଲୋନ ସଭ୍ୟତାରେ ପ୍ରାୟ ୪ହଜାର ବର୍ଷତଳେ ମାଟିରେ ଆଚ୍ଛାଦିତ ଏକପ୍ରକାରର ଲଫାପା ବ୍ୟବହାର କରୁଥିଲେ। ପରେ ପାପରସ ଓ ମେଣ୍ଢା ଚମଡ଼ାରେ ନିର୍ମିତ ଲଫାପା ବ୍ୟବହାର କରୁଥିବା କେତେକ ପତ୍ରପତ୍ରିକାରୁ ସୂଚନା ମିଳେ।

**ପୁରାଣରେ ଚିଠି:**ବିଭିନ୍ନ ପୁରାଣ ଓ ଓଷାବ୍ରତରେ ଚିଠିକୁ ନେଇ ନାନାପ୍ରକାର ରୋଚକ କାହାଣୀ ରହିଛି ଯେପରି- ମେଘ ଓ ଦୂତିଙ୍କ ଜରିଆରେ ଚିଟାଉ, ଚିଠି ପଠାଯାଉଥିବାର କଥା ରହିଛି।

**ପୁରୁଣା ଡାକଘର:** ଗଞ୍ଜାମର ଗୋପାଳପୁର ବେଳାଭୂମିରେ କେବଳ ସ୍ମାରକୀ ଭାବେ ରହିଛି ପୁରାତନ ଉପଡାକଘର। ଇଂରେଜମାନେ ସେମାନଙ୍କ ଦରିଆପାରି ସମ୍ପର୍କ ସ୍ଥାପନ ପାଇଁ ଏହି ଡାକ ଘର ସ୍ଥାପନ କରିଥିଲେ। ଏଠାରେ ସେତେବେଳେ ଇଉରୋପ ଏବଂ ଅଷ୍ଟ୍ରେଲିଆ ଅଧିବାସୀଙ୍କ ସହିତ ଯୋଗାଯୋଗର ସୁବିଧା ହେଉଥିଲା। ୧୯୦୦ବେଳକୁ ବ୍ରିଟିଶ ଇଣ୍ଡିଆର ଷ୍ଟିମ ନାଭିଗେସନ କମ୍ପାନୀ ଓ ପରେ ସିନ୍ଧିଆକମ୍ପାନୀ ଭାରତର ପୂର୍ବ ଉପକୂଳରେ ରେଙ୍ଗୁନ ଯାଉଥିବା ଜାହାଜଗୁଡ଼ିକ ଚିଠି ନେଇ କାକିନାଡ଼ା, ବିଶାଖାପାଟଣା, କଳିଙ୍ଗପାଟଣା ଆଦି କେତୋଟି ବନ୍ଦରରେ ପହଞ୍ଚୁଥିଲେ। ସେଠାରୁ ଗୋପାଳପୁର ଡାକଘରକୁ ଟେଲିଗ୍ରାମ ଯୋଗେ ବାର୍ତ୍ତା ଶୁଣାଉଥିଲେ ଓ ଚିଠିକୁ ଦେଉଥିଲେ। ୧୯୩୮ ମସିହା ଯାଏ ଏହା ଚାଲୁ ରହିଥିଲା। ଓଡ଼ିଶାରେ ଥିବା ବିଭିନ୍ନ ପୁରୁଣା ଡାକଘର ମଧ୍ୟରୁ ଏହା ଅନ୍ୟତମ।

**ଚିଠିକୁ ନେଇ ଗୀତ:**ଚିଠିକୁ ନେଇ ବିଭିନ୍ନ ଭାଷାରେ ଗୀତ ରଚନା ହୋଇଛି। ଏପରି କି ଡଗଡମାଳି ବି ରହିଛି। ତେବେ ହିନ୍ଦୀ ସିନେମାରେ ଚିଠି ଆଇହେ...ଚିଠି ଆଇହେ। ସନ୍ଦେଶ ଆତେହେ...। ସେହିପରି ଚିଠିମୋର ଟିକି ଚଢେଇ...ପ୍ରଥମ ପ୍ରେମର ପ୍ରଥମ ଚିଠି...ଲେଖୁଛି ଅଳପ ଭାବୁଛି ବେଶି। ନା ମୁଁ ତତେ କେବେ ଚିଠି ଦେଇଛି...। ଚିରିଦେବା ଆଗରୁ ଚିଠିଥରେ ପଢିଦେଖ...। ଚିଠି ବାସୁଛି ତୁଳସୀ ତୁଳସୀ। ...ଗୋପନଗରୀରୁ ଚିଠି ଆସିଛି...। ମୁଁ ଚିଠି ଲେଖୁଛି ମୋ ନୀଳମଣିକୁ। ଇତ୍ୟାଦି ଓଡ଼ିଆ ଗୀତ ରହିଛି। ପୁଣି ଚିଠିକୁ ନେଇ କେତେବେଳେ କିଏ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପାଖକୁ ବିଭିନ୍ନକ୍ଷେତ୍ରରେ କିଛି ସ୍ୱତନ୍ତ୍ର ରେକର୍ଡ ପାଇଁ ଲେଖା ପଠାଇଥାନ୍ତି।

**ଚିଠି ଏକ ନିଆରା ଅନୁଭୂତି:** ଶୁଭସ୍ମିତା ମହାନ୍ତି (ଲେଖିକା) ଚିଠି ଅସୀମ ପ୍ରତୀକ୍ଷାର ଅନ୍ୟ ଏକ ନାମ। ମୋ ଗାଁ ବିବିଧବର୍ଣ୍ଣା ଏକ ସ୍ୱପ୍ନିଳ ପୃଥିବୀ, ସୃଜନର ଆର୍ଯ୍ୟ ଭୂମି... ସେଇ ଶୈଶବରୁ ଥିଲା ମୋର ଚିଠି ପ୍ରତି ଅନେକ ଦୁର୍ବଳତା। ହେଲେ ଡାକବାଲା ଘଣ୍ଟି ବଜାଇ ଆସୁଥିଲା ଗାଁକୁ ଆଠ ଦିନରେ ଥରେ। ଆମ ଦାଦା ଦାମନଯୋଡ଼ିରୁ ଚିଠି ପଠାଉଥିଲେ, ସେଥିରେ ରହୁଥିଲା ଅନେକ ଶୁଭ ଖବର। ପତ୍ର ବନ୍ଧୁତା ମାଧ୍ୟମରେ ବି ମୋର ସାଂଗମାନେ ଚିଠି ଦେଉଥିଲେ। ଯେତେବେଳେ ଡାକବାଲା କହୁଥିଲା ତୁମର ଚିଠି ଆସିନି ମନରେ ବିଷଣ୍ଣତା ଭରି ଯାଉଥିଲା... କଲେଜ ସରିଗଲା ପରେ ମୋ ସାଂଗ ଇତିଶ୍ରୀ ମୋତେ ନିୟମିତ ଚିଠି ଦେଉଥିଲା, ମୁଁ ବି ତାକୁ...। ପ୍ରତି ଚିଠିରେ ଥିଲା ନିଃସର୍ତ୍ତ ଭଲପାଇବା, ମାନ ଅଭିମାନ। ମୋ ସ୍ୱପ୍ନକୁ ସାକାର କରିବା ପାଇଁ ତା' ଚିଠିରେ ଥିଲା ଅନେକ ଉପଦେଶ। ସମୟ ସହ ତାଳ ଦେଇ ତା'ସହ ମୋର ଆଉ ବେଶିଦିନ ସମ୍ପର୍କ ରହିଲାନି ସତ, ହେଲେ ନିରୋଳା ସମୟରେ ତା' ଚିଠିଗୁଡ଼ିକ ପଢ଼ି ଆନନ୍ଦିତ ହେବା ସହ ତା' ମୁହଁଟି ମୋ ଆଖି ଆଗରେ ନାଚି ଯାଉଥିଲା। ଗୋଲାପି ଚିଠିରେ ଥିବା ସ୍ନେହ ମମତାକୁ କ'ଣ ପାଇହୁଏ ଫୋନରୁ...ଆଜିର ଦୁନିଆରେ ଚିଠି ଏକ ଅଲୋଡ଼ା ପଦାର୍ଥ ହୋଇପାରେ...ହେଲେ ମୋ ଜୀବନରେ ଚିଠିର ମହତ୍ ଖୁବ୍ ବେଶି, ତା'ର ସ୍ଥାନ ସ୍ୱତନ୍ତ୍ର, ଚିଠି ଏମିତି ଏକ ଚିର ସବୁଜ ସ୍ମୃତି ; ଯାହା ପୁରୁଣା ଦିନର କଥାକୁ ସାଇତି ରଖେ। ସମୟ ଯେତେଦୂର ଚାଲିଗଲେ ବି ସ୍ନେହ, ଶ୍ରଦ୍ଧା, ଭଲ ପାଇବା କେବେ ହୃଦୟରୁ କମି ଯାଏନି।

**ତଥାପି ଚିଠି:** ଆଜିକାଲି ଇଣ୍ଟରନେଟ, ମୋବାଇଲ, ମେସେଞ୍ଜର, ହ୍ୱାଟସ୍‌ଆପ, ଇ-ମେଲ ପରି ଆହୁରି କେତେକ ଡିଜିଟାଲ ଯୋଗାଯୋଗର ମାଧ୍ୟମ ଆରମ୍ଭ ହେଲାଣି । ତଥାପି ଡାକବାଲା ହାତରୁ ଚିଠିଟିଏ ନେବାବେଳେ ମନକୁ ଅଧିକ ଖୁସୀ ଲାଗିଥାଏ। ଭାରତରେ ଥିବା ଡାକଘର ମଧ୍ୟରୁ ଗ୍ରାମାଞ୍ଚଳରେ ସର୍ବାଧିକ। ଗାଁମାନଙ୍କରେ ସରକାରୀ ଡାକ ସେବା ଏବେବି ଲୋକଙ୍କ ଯୋଗାଯୋଗର ବିଶ୍ୱାସ ରକ୍ଷାକରିଛି। ଏହା ବ୍ୟତୀତ କେତେକ ଘରୋଇ ସଂସ୍ଥା ଡାକସେବା ପରି ସଂସ୍ଥା କରି ଚିଠି ଦେଣନେଣ କାରବାର କରିଥାନ୍ତି।

ସତରେ ଚିଠି ସିନା ଆଉ ଆଗଭଳି ନାହିଁ କିନ୍ତୁ ଏବେ ବି ଚିଠି ଆସିଛି କହିଦେଲେ ବଢିଯାଏନି କି ସ୍ପନ୍ଦନ!

**-ବନବିହାରୀ ବେହେରା**













# ଫ୍ୟାଶନେବଲ୍ ପୋଟ୍‌ଲି ବ୍ୟାଗ୍









**ପାର୍ଟି ଫଙ୍କସନଗୁଡ଼ିକରେ ଟ୍ରାଡିଶ୍‌ନାଲ ହେଉ ଅବା ଏଥ୍ନିକ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ହାତରେ ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ନ ଧରିଲେ ଲୁକ୍ କେମିତି ଫିକା ଫିକା ଲାଗିଥାଏ। ଆଜିକାଲି ତ ପୋଟ୍‌ଲି ବ୍ୟାଗ୍‌ର ଫ୍ୟାଶନ ବି ଆସିଗଲାଣି। ଏହାର ଅନେକ ଭେରାଇଟି ମଧ୍ୟ ମିଳିଲାଣି, ଯାହାକୁ ଟ୍ରାଏ କରି ଯୁବତୀମାନେ ଗର୍ଜିୟସ୍ ଲୁକ୍ ପାଇବା ସହ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ ବି କରିପାରିବେ...**

**ଇଣ୍ଡୋ ୱେଷ୍ଟର୍ନ ଡ୍ରେସ୍ ସହ ପୋଟ୍‌ଲି:** କେବଳ ଏଥ୍ନିକ୍ ଡ୍ରେସ୍ କାହିଁକି ଆପଣ ଚାହିଁଲେ ଇଣ୍ଡୋ ୱେଷ୍ଟର୍ନ ଡ୍ରେସ୍ ସହିତ ମଧ୍ୟ ପୋଟ୍‌ଲି ବ୍ୟାଗ୍‌କୁ କ୍ୟାରି କରିପାରିବେ। ଖାସ୍‌କରି ଏହି ଡ୍ରେସ୍ ସହିତ ମ୍ୟାଚିଂ କରି ଗୋଲ୍ଡେନ୍ ହେଉ କିମ୍ବା ସିଲ୍‌ଭର୍ କଲର୍‌ର ପୋଟ୍‌ଲି ବ୍ୟାଗ୍ ଟ୍ରାଏ କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ପିଙ୍କ୍ ପୋଟ୍‌ଲି:** ବାହଘର ପାର୍ଟିରେ ଯଦି ଆପଣଙ୍କର ଶାଢି କିମ୍ବା କୌଣସି ହେଭି ସୁଟ୍ ପିନ୍ଧିବାର ପ୍ଲାନିଂ ଥାଏ, ତା'ହେଲେ ଏହା ସହିତ ମ୍ୟାଚିଂ କରି ଆପଣ ଯେ କୌଣସି ଟ୍ରାଡିଶ୍‌ନାଲ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିପାରିବେ। ବିଶେଷ କରି ପିଙ୍କ୍ କଲର୍‌ର ପୋଟ୍‌ଲି ବ୍ୟାଗ୍‌କୁ ବାହାଘର ପାର୍ଟିରେ କ୍ୟାରି କଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।

**ଲାଇଟ୍ କଲର୍‌ର ପୋଟ୍‌ଲି:** ଅଧିକାଂଶ ସମୟରେ ଦେଖାଯାଏ, ପ୍ରି-ୱେଡିଂ ଫଙ୍କ୍‌ସନ ପ୍ରାୟତଃ ଦିନବେଳା ହିଁ ହୋଇଥାଏ। ଦିନବେଳା ହେଉଥିବା ଏହି ଫଙ୍କ୍‌ସନରେ ଆପଣ ଚାହିଁଲେ ଲାଇଟ୍ କଲର୍‌ର ଯେ କୌଣସି ପୋଟ୍‌ଲି ବ୍ୟାଗ୍‌କୁ ଟ୍ରାଏ କରିପାରିବେ। କାରଣ ଏହା ସବୁ ପ୍ରକାରର ଆଉଟ୍‌ଫିଟ୍ ସହିତ ଭଲ ମ୍ୟାଚ୍ କରିଥାଏ।

**ଗ୍ରୀନ୍ କଲର୍‌ର ପୋଟ୍‌ଲି:** ମେହେନ୍ଦି ଫଙ୍କ୍‌ସନଗୁଡ଼ିକରେ ଗ୍ରୀନ୍ କଲର୍‌ର ପୋଟ୍‌ଲି ବ୍ୟାଗ୍ କ୍ୟାରି କଲେ ପରଫେକ୍ଟ ଲୁକ୍ ମିଳିଥାଏ। ଖାସ୍ କରି ଶାଢି ସାଙ୍ଗରେ ହିଁ ଏହି କଲର୍ ପୋଟ୍‌ଲି ବ୍ୟାଗ୍ ଅଧିକ ସୁନ୍ଦର ଦେଖାଯାଇଥାଏ।

**ଫର୍ ଡିଜାଇନ୍ ପୋଟ୍‌ଲି:** ଆଜିକାଲି ଫର୍ ଡିଜାଇନ୍‌ର ପୋଟ୍‌ଲି ବ୍ୟାଗ୍ ବି ମିଳିଲାଣି। ଖାସ୍ କରି ଧଳାରଙ୍ଗର ଫର୍ ଡିଜାଇନ୍ ହୋଇଥିବା ପୋଟ୍‌ଲି ବ୍ୟାଗ୍‌କୁ ଆପଣ ନେଟ୍ ଡିଜାଇନ୍ ଶାଢି ସହ କ୍ୟାରି କଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।

**ମ୍ୟାଚିଂ ପୋଟ୍‌ଲି:** କେବଳ ଶାଢି, ଲେହେଙ୍ଗା କାହିଁକି ପାର୍ଟି, ଫଙ୍କ୍‌ସନରେ ଯୁବତୀମାନେ ଚାହିଁଲେ ଅନାରକଲି ଡ୍ରେସ୍ ହେଉ ଅବା ସାଲୱାର୍ ସୁଟ୍ ସହ ମଧ୍ୟ ମ୍ୟାଚିଂ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିପାରିବେ।

**ବ୍ରାଇଡାଲ୍ ପୋଟ୍‌ଲି:** ବାହାଘର ଦିନ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିବା ପାଇଁ ଲେହେଙ୍ଗାକୁ ମ୍ୟାଚିଂ କରି ଯେ କୌଣସି ଡିଜାଇନ୍‌ର ବ୍ରାଇଡାଲ୍ ପୋଟ୍‌ଲି ବ୍ୟାଗ୍ କ୍ୟାରି କରାଯାଇପାରିବ।







## କିଛି ଟିପ୍ସ

- ଶାଢି ସାଙ୍ଗରେ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିବା ସମୟରେ ସବୁବେଳେ ଧ୍ୟାନ ଦେବେ, ଯେମିତି ଏହା ଶାଢି ସାଙ୍ଗକୁ ଠିକ୍‌ରେ ହାଇଲାଇଟ୍ ହୋଇପାରୁଥିବ।
- ଷ୍ଟୋନ କିମ୍ବା ଜୁଏଲେରିଖଚିତ ପୋଟ୍‌ଲି ବ୍ୟାଗ୍‌କୁ କେବେ ବି ହେଭି ୱାର୍କବାଲା ଆଉଟ୍‌ଫିଟ୍ ସହ କ୍ୟାରି କରିବା ଉଚିତ ନୁହେଁ। କାରଣ ଏହାଦ୍ୱାରା ପୋଟ୍‌ଲି ବ୍ୟାଗ୍‌ର ଆକର୍ଷଣ ଫିକା ପଡ଼ିଗଲା ଭଳି ଜଣାଯାଇଥାଏ।

# ଫ୍ୟୁଜନ୍ ଡିଶ୍



**ବିବିଧତାରେ ଭରା ଭାରତରେ, ଖାଦ୍ୟରେ ମଧ୍ୟ ରହିଛି ବିବିଧତା। କିଛି ଖାଦ୍ୟ ପାରମ୍ପରିକ ସହ ଅଜବ ହୋଇଥାଏ। ଆଉ କିଛି ଖାଦ୍ୟକୁ ଖାଦ୍ୟ ସଉକିନ୍‌ଙ୍କୁ ନଜରରେ ରଖି କିଛି ନୂଆ ରୂପ ଦେବା ଲାଗି କରାଯାଏ ଫ୍ୟୁଜନ୍। ସେହି ଫ୍ୟୁଜନ୍ ଅଜବ ଲାଗିଲେ ବି ହୋଇଥାଏ ବେଶ୍ ସ୍ୱାଦିଷ୍ଟ। ସେମିତି କିଛି ଖାଦ୍ୟ ସମ୍ପର୍କରେ...**

**ଆଇସକ୍ରିମ୍ ବଡ଼ାପାଓ–** ଗୁଜରାଟର ଜଣେ ଷ୍ଟ୍ରିଟ୍ ଭେଣ୍ଡର୍ ବଡ଼ା ପାଓକୁ ଦେଇଛନ୍ତି ଏକ ନୂଆ ରୂପ। ସେ ପାଓ ବା ବନ୍ ଭିତରେ ବିଭିନ୍ନ ମିଠା ସିରପ୍ ଢାଳନ୍ତି। ତା'ପରେ ସେହି ପାଓ ଭିତରେ ରଖନ୍ତି ଏକ ସ୍କୁପ୍ ଆଇସକ୍ରିମ୍। ଫାଇନାଲ୍ ଟଚ୍‌ଅପ୍ ପାଇଁ ଉପରେ ପକାନ୍ତି କିଛି ଟୁଟି ଫ୍ରୁଟି; ଯଦ୍ୱାରା ମସଲାଦାର ବଡ଼ାପାଓ ବନିଯାଏ ଏକ ସ୍ୱାଦିଷ୍ଟ ସୁଇଟ୍ ଡିସ୍।

**ସେଜୱାନ ଦୋସା–** ଦୋସା ବିଭିନ୍ନ ଭେରାଇଟିରେ ଉପଲବ୍ଧ ହୁଏ। ତେବେ ସେଜୱାନ ଦୋସାର କଥା କିଛି ଭିନ୍ନ। ଭାରତର ବିଭିନ୍ନ ସ୍ଥାନରେ ଏବେ ଏହି ଦୋସା ମିଳୁଛି। ସାଦା ଦୋସାରେ ଚାଇନିଜ୍ ଟୁଇଷ୍ଟ ଦିଆଯାଉଥିବା ଏହି ଦୋସାର ସ୍ୱାଦ ବି ବହୁତ ଭଲ।

**ଚକୋଲେଟ୍ ସାଣ୍ଡୱିଚ୍–** ସାଣ୍ଡୱିଚ୍ ତ ସମସ୍ତେ ଖାଇଥିବେ, ହେଲେ ଏହି ସାଣ୍ଡୱିଚ୍‌ର ସ୍ୱାଦ ବହୁତ କମ୍ ଲୋକ ଚାଖିଥିବେ। ମୁମ୍ବାଇ ମଟୁଙ୍ଗାର 'ସୁଭାଷସ୍ ଚକୋଲେଟ୍ ସାଣ୍ଡୱିଚ୍'ରେ ଉପଲବ୍ଧ ହେଉଥିବା ଏହି ସାଣ୍ଡୱିଚ୍ ଯିଏ ଥରେ ଖାଇଛି ବାରମ୍ବାର ଖାଇବାକୁ ଇଚ୍ଛା କରିଛି। ଚକୋଲେଟ୍ ଲଭର୍‌ଙ୍କୁ ତ ଏହା ବହୁତ ଭଲ ଲାଗିବ। ଦୁଇଟି ବ୍ରେଡ ସ୍ଲାଇସ୍ ମଝିରେ ଚକୋଲେଟ୍ ସିରପ୍ ସାଙ୍ଗକୁ ଗ୍ରେଟେଡ୍ ଚିଜ୍ ଏହାର ସ୍ୱାଦ ବଢ଼ାଇଥାଏ। ବାଙ୍ଗାଲୋର୍‌ର 'ହରି ସୁପର୍ ସାଣ୍ଡୱିଚ୍ ' ଶପ୍‌ରେ ବି ମିଳିଥାଏ ଚକୋଲେଟ୍ ସାଣ୍ଡୱିଚ୍।

**କୋଲା ଏଗ୍ ଫ୍ରାଇଡ୍ ରାଇସ୍–** ବଡୋଦରାର ଭାଉ ଓମ୍ଲେଟ୍ ସେଣ୍ଟର ବିଭିନ୍ନ ପ୍ରକାର ଅଣ୍ଡା ରେସିପି ପାଇଁ ପ୍ରସିଦ୍ଧ। ତେବେ ଏହା ବେଶି ପରିଚିତ ଏହାର ସ୍ପେଶାଲ୍ ଡିଶ୍ 'କୋଲା ଏଗ୍ ଫ୍ରାଇଡ୍ ରାଇସ୍' ପାଇଁ। ଏହା ମଧ୍ୟ ଏକ ଫ୍ୟୁଜନ୍ ରେସିପି। ଏଥିରେ ୩୦ଟି ଅଣ୍ଡା, ଚାଉଳ ଓ କୋକାକୋଲା ବ୍ୟବହାର କରି ଫ୍ରାଇଡ୍ ରାଇସ୍ ପ୍ରସ୍ତୁତ କରାଯାଏ। ଏହାର ସ୍ୱାଦ ବହୁତ ଭଲ ବୋଲି ଲୋକଙ୍କ ମଧ୍ୟରେ ଏହାର ବେଶ୍ ଚାହିଦା ବି ରହିଛି।

**ଚକୋଲେଟ୍ ସମୋସା ପାଓ–** ଗୁଜରାଟ, ସୁରଟରେ ମିଳେ ଆଉ ଏକ ଭିନ୍ନ ପ୍ରକାରର ଡିଶ୍। ଏହା ଏକ ଚକୋଲେଟ୍ ସଲ୍ଟେଡ୍ ସ୍ନାକ। ଏଥିରେ ଏକ ପାଓ ବା ବନ୍ ଉପରେ ଚକୋଲେଟ୍ ସସ୍ ଲଗାଯାଏ। ଏହା ଉପରେ ଚକୋ ଫଜ୍ ପୁର ଦିଆଯାଇଥିବା ଏକ ସମୋସା ବା ସିଙ୍ଗଡା ରଖାଯାଏ। ଏହି ଅଜବ ଡିଶ୍‌ର ବି ଚାହିଦା ବେଶ୍ ରହିଛି।

**ଲାମ୍ବ ବ୍ରେନ୍ ଡିଶ୍–** ଭେଜା ଫ୍ରାଏ ବା ବ୍ରେନ୍ ଫ୍ରାଏ ହାଇଦ୍ରାବାଦ ଓ ଲକ୍ଷ୍ନୌରେ ବହୁତ ଲୋକପ୍ରିୟ।

**ପିଆଜ ହାଲୁଆ–** ପିଆଜକୁ ବଟର୍‌ରେ ଫ୍ରାଏ କରାଯାଏ। ପରେ ଏହାକୁ କମ୍ ଆଞ୍ଚରେ କ୍ଷୀର ଓ ଚିନି ମିଶାଇ ହାଲୁଆ ପ୍ରସ୍ତୁତ କରାଯାଏ। ଏହାର ସ୍ୱାଦ ବହୁତ ଭଲ।

**ହଳଦୀ ହାଲୁଆ–** ମକର ସଂକ୍ରାନ୍ତିରେ ଭାରତର କିଛି ସ୍ଥାନରେ ପ୍ରସ୍ତୁତ କରାଯାଏ ଏହି ହଳଦୀର ହାଲୁଆ। ଥଣ୍ଡାରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହି ଡିଶ୍ ବହୁତ ସାହାଯ୍ୟ କରେ।













# ମୂର୍ତ୍ତି

–ସୁଜାତା ମହାପାତ୍ର

ତୋତେ ଅଙ୍କିଥିଲି ମୁଁ
କେବେ ଥରେ କୋଣାର୍କର ଗାତ୍ରରେ
ମୋ ଇଚ୍ଛାମାନଙ୍କର ମୂର୍ତ୍ତିଟିଏ କରି

ଏବେ ତୋର ପ୍ରସିଦ୍ଧିର ବେଳ ।

ତୋ ଜଡ଼ ଆଖିର ଜୀବନ୍ତ ଲୁହ ଓ
ଶେତା ଓଠର ପ୍ରେମମୟ ହସ ହିଁ ତ
ମୋ ନିଖୁଣ ଶିଳ୍ପୀପଣର ପ୍ରମାଣ !

ହୃଦୟର ସ୍ପନ୍ଦନ କିଏ ଅବା ବୁଝେ ଯେ' !

ତୋ' ଶିଳ୍ପୀ ମୁଁ,
ମୁଁ ହିଁ ତୋର ପ୍ରେମିକ,
ତୋ ନଗ୍ନ ଦେହ ଉପରେ
ସତ୍ତ୍ୱ ମୋର ପୂର୍ଣ୍ଣ ଆଧିକାରିକ ।

ତୋ ତରଙ୍ଗାୟିତ ଦେହର
ପ୍ରତିଟି ନିହାଣ ସ୍ପର୍ଶରେ
ଯୁଗ ଯୁଗର ସାଇତା
ସୁପ୍ତ ଅଭିସନ୍ଧି ମୋର ।

ତୋତେ ଭୋଗିବାକୁ ହିଁ ହେବ
ମୋ ଦାନର ଏହି ଅକ୍ଷୟ ଯୌବନ !
କୋଣାର୍କ ଗାତ୍ରରେ ରଚିତ ମୁକ୍ତିକାମୀ
ଏକ ନିଥର ମୂର୍ତ୍ତିର ଜୀବନ ।

*–ଶିବାନୀ ଏନ୍‌କ୍ଲେଭ, ବମିଖାଲ*
*କେନାଲ ରୋଡ, ଭୁବନେଶ୍ୱର*
*ମୋ–୯୪୩୭୩୬୦୯୬୪*

# ତୋ ପାଇଁ...

–ରଜତ ମହାନ୍ତି

ଭିନ୍ନ ଭିନ୍ନ ଆଇନାରେ
ପ୍ରତିବିମ୍ବ ମୋର
ମୁଁ ଦେଖି ସାରିଛି,
ହେଲେ
କେବଳ ତୋ ଆଖି ଆଇନାରେ
ସ୍ପଷ୍ଟ ମତେ ମୋ ଛବି ଲାଗିଛି ।

*–ବଳଗଣ୍ଡି, ପୁରୀ,*
*ମୋ– ୮୯୦୮୦୬୬୫୬୨*

# ରିପୋର୍ଟର

–ଦିଲ୍ଲୀପ୍ କୁମାର ବିଶ୍ୱାଳ

ସେଦିନ ସଫା ସଫା କହିଦେଲା ସୁନୟନା, ଦେଖ ଘରେ ବାପା–ବୋଉ କେହି ବି ରାଜି ହେଉନାହାନ୍ତି । କହୁଛନ୍ତି ମାତ୍ର ପାଞ୍ଚ ହଜାର ଟଙ୍କାରେ ରିପୋର୍ଟର ଚାକିରି କରୁଥିବା ପୁଅକୁ ଆମେ କ୍ୱାଇଁ କରିପାରିବୁ ନାହିଁ । ମୁଁ ତୁମକୁ ଅନେକ ଥର କହିଛି ବ୍ଲକ ରିପୋର୍ଟର ଛାଡ଼ି ଜିଲା ରିପୋର୍ଟର ହେବାକୁ ଚେଷ୍ଟା କର । ତୁମେ କ'ଣ ମୋ କଥାକୁ କେବେ ଶୁଣିଲ ! ନା ବୁଝିବାକୁ ବି ଚେଷ୍ଟା କଲ, କହିଲ କ'ଣ ନା ମୋ ଅପହଞ୍ଚ ଅଞ୍ଚଳର ବିକାଶ ପାଇଁ ମୁଁ କାମ କରିବି । ଧାଡ଼ିରେ ସବା ଶେଷରେ ଛିଡ଼ା ହୋଇଥିବା ମଣିଷର ସ୍ୱରକୁ ଶୀର୍ଷକୁ ନେବା ପାଇଁ ମାଧ୍ୟମ ସାଜିବି । ଲୋକମାନଙ୍କର, ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଗଣତନ୍ତ୍ରକୁ ସୁରକ୍ଷା ଦେବି । ତେବେ ସେହି ଲୋକମାନଙ୍କ ପାଇଁ, ଲୋକମାନଙ୍କ ସହିତ ଖୁସିରେ ରୁହ, ମୋତେ ମୋ ରାସ୍ତାରେ ଯିବାକୁ ଦିଅ । ଏତେ କମ୍ ଏର୍ଣ୍ଣିଙ୍ଗ୍ କରୁଥିବା ପୁଅକୁ ମ୍ୟାରେଜ୍ କରି ମୁଁ ମୋ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲିଦେଇ ପାରିବିନି । ସରି, ମୋତେ କ୍ଷମା କରିଦେବ । ବୋଧହୁଏ ଭଗବାନଙ୍କର ଇଚ୍ଛା ନ ଥିଲା ତୁମକୁ ପାଇବାକୁ...

ଅମରେଶକୁ ପଛକରି ବାଟଭାଙ୍ଗି ଚାଲିଗଲା ସୁନୟନା । ଅମରେଶ ଦେଖୁଥିଲା ତା' ସ୍କୁଲ୍‌ମେଟର ପ୍ରେମିକା କେମିତି ତା' ଆଖି ସାମ୍ନାରୁ ଦୂରକୁ ଦୂରକୁ ଚାଲିଯାଉଛି । ସର୍ପିଳ ଗତିରେ ସୁନୟନା ଆଗକୁ ଆଗକୁ ପାଦ ପକାଇ ଚାଲିଥିଲା, ପଛରେ କେବଳ ଅମରେଶ ଦେଖୁଥିଲା ସୁନୟନାର ଗତିପଥକୁ । କେଉଁଠି ନା କେଉଁଠି ଅମରେଶ୍‌ର ଆଶା ଥିଲା ସୁନୟନା ପୁଣି ଥରେ ବୁଲି ଚାହିଁବ । ତା' ଭଲ ପାଇବା ଉପରେ ବିଶ୍ୱାସ ଥିଲା ସୁନୟନା ପୁଣି ଫେରିଆସିବ । ମାତ୍ର ସୁନୟନା ନା ଥରେ ବୁଲିକି ପଛକୁ ଚାହିଁଲା ନା ଫେରିଆସିଲା । ବରଂ ଗୋଟିଏ ଦଶନ୍ଧିର ପ୍ରେମକୁ ସମାଧି ଦେଇ ବାପା ବୋଉଙ୍କର ସୁନା ଝିଅ ହୋଇଗଲା ।

ଅମରେଶ ସ୍ପଷ୍ଟ ଅନୁଭବ କରିପାରୁଥିଲା ପ୍ରେମିକାମାନେ ଧୋକା ଦେବା ପାଇଁ କେମିତି ବାହାନା ଖୋଜନ୍ତି । ଦୋଷାରୋପ କରନ୍ତି, ଆତ୍ମରକ୍ଷାର କୌଶଳକୁ କଡ଼ାକଡ଼ି ମଧ୍ୟ ଅବଲମ୍ବନ କରନ୍ତି ; ଯାହା ଖୁବ୍ ସହଜରେ ସୁନୟନା କରିଦେଲା । ସବୁ ପ୍ରେମିକଙ୍କ ପରି ଅମରେଶ୍‌ର ଛାତିର କଲିଜାରେ ଆଲ୍‌ପିନ୍‌ର ଆଘାତ ଅନୁଭବ ହେଲା । ନିଜକୁ ଯେତେ କଣ୍ଟ୍ରୋଲ କରିବାକୁ ଚେଷ୍ଟାକରି ମଧ୍ୟ ପାରି ନ ଥିଲା । ବିଚଳିତ ହେଉଥିଲା, ଅନ୍ୟମନସ୍କ ଭିତରେ ଧୋକା ଓ ଧକ୍କାକୁ ନିଜ ଭିତରେ ଲୁଚାଇ ରଖିବାକୁ ଚେଷ୍ଟା କରିଛି ସିନା, କେବେ ଦେବଦାସର ଚରିତ୍ରକୁ ଭିଡ଼ିଆଣି ପାରେ, ଚନ୍ଦ୍ରମୁଖୀ ଓ ସରାବ୍‌ର ତ୍ରିଛକି ରାସ୍ତାରେ ପାଦ ଥାପିନାହିଁ ଅମରେଶ । ବରଂ ସବୁ ସଚ୍ଚା ପ୍ରେମିକଙ୍କ ପରି ସେ ମଧ୍ୟ ସୁନୟନାର ଶୁଭ ମନାସିଛି ।

ଯଦି ଆଉ କାହାର ହାତଧରି, କେଉଁ ସ୍ୱପ୍ନର ସୌଦାଗରର ସମ୍ରାଜ୍ଞୀ ହେଇ ସୁନୟନା ଖୁସି ହେଉଛି ବରଂ ହେଉ । ତା' ଖୁସିରେ ଖୁସି ହେବା ଉଚିତ । ଏଇ ତ ପ୍ରେମର ସଂଜ୍ଞା ଓ ପରିଭାଷା । କ୍ୟାମେରା ସାମ୍ନାରେ ବୁମ୍ ଧରି ଅମରେଶ୍‌ର ଉପସ୍ଥାପନା ଶୈଳୀ ଓ ସଂଳାପ ସମସ୍ତ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରେ । ଏ ବର୍ଷ ଶ୍ରେଷ୍ଠ ରିପୋର୍ଟର ଆୱାର୍ଡ ଅମରେଶକୁ ମିଳିଛି । ଆଜି କାହିଁକି କେଜାଣି ତା'ର ଖୁବ୍ ମନେ ପଡୁଥିଲା ସୁନୟନାର କଥା । ଆଜିର ଏହି ଷ୍ଟାର୍ ହୋଟେଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ତା' ଚାନେଲ ପକ୍ଷରୁ ତାକୁ ଯେଉଁ ଆୱାର୍ଡ ମିଳିଲା, ଆଜି ଯଦି ସୁନୟନା ତା' ସହିତ ଥାଆନ୍ତା ନିଶ୍ଚିତ ଖୁସି ହୋଇଥାଆନ୍ତା ।

ଏଇ ଭିତରେ ଅନେକ ଦିନ ବିତିଗଲାଣି, ନିଜର ପ୍ରଫେଶନ, କାର୍ଯ୍ୟବ୍ୟସ୍ତତା ଭିତରେ ଅମରେଶ ଆଉ କେବେ ସୁନୟନା କଥା ଭାବିନି କିମ୍ବା ଦେଖା ବି ହେଉନି ।

ଥରେ ସହରରେ ଏକ ଚାଞ୍ଚଲ୍ୟକର ଖବର ଆସିଲା ଯେ, ସହରର ଜଣେ ପ୍ରତିଷ୍ଠିତ ଯୁବ ଶିଳ୍ପପତିଙ୍କ ନାମରେ ତାଙ୍କ ପତ୍ନୀ ଆଣିଛନ୍ତି ଡୋମେଷ୍ଟିକ୍ ଭାଓଲେନ୍ସର ଅଭିଯୋଗ । ଶିଳ୍ପପତିଙ୍କ ପତ୍ନୀ ନିଜଆଡ଼ୁ ଓଡ଼ିଶାର ଏକ ନମ୍ବର ନ୍ୟୁଜ୍ ଚାନେଲ ନିକଟରେ ନିଜର ଅଭିଯୋଗ ଧରି ଆସି ପହଞ୍ଚିଛନ୍ତି । ଆଜି ସେ ତାଙ୍କ ସ୍ୱାମୀଙ୍କର ମୁଖା ଖୋଲିଦେବେ । ବଡ଼ଘର ବଡ଼ ଗୁମର କଥା ଶୁଣିବାକୁ ସାଧାରଣରେ ଉତ୍କଣ୍ଠା ବଢ଼ିଲା । ନ୍ୟୁଜ୍ ରୁମ୍‌ରେ ବସିଥିଲେ ସେଇ ସମ୍ଭ୍ରାନ୍ତ ମହିଳା ଜଣକ । ଲାଇଟ୍, କ୍ୟାମେରା ଅନ୍ ହେଲା । ଲାଇଭ୍ ଶୋ'ରେ ଆଙ୍କର ଜଣକ ପ୍ରଶ୍ନ କଲେ ଆପଣଙ୍କର ନିର୍ଦ୍ଦିଷ୍ଟ ଅଭିଯୋଗ କ'ଣ ? ସେଇ ମହିଳା ଜଣକ ହଠାତ୍ ଚମକି ପଡ଼ିଲେ ଆଉ ଚୁପ୍ ରହିଲେ । ତା'ପରେ ଭୋ ଭୋ ହୋଇ କାନ୍ଦିବା ଆରମ୍ଭ କଲେ । ସେଇ ଲୁହ ବୋଝେଇ ଆଖିରେ ଉତ୍ତର ଦେଲେ, ଶିଳ୍ପପତିର ଟ୍ୟାଗ୍ ନେଇ ମୋତେ ବିବାହ କରିଥିବା ମୋ ସ୍ୱାମୀ ଜଣେ ନିଷ୍ଠୁର ତଥା ହୃଦୟହୀନ ମଣିଷ । ଦୀର୍ଘଦିନ ହେବ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଛନ୍ତି । ମୁଁ ଘରୋଇ ହିଂସାର ଶିକାର । ଆଙ୍କର ଜଣକ ଥିଲେ ସେଦିନର ପ୍ରତ୍ୟାଖ୍ୟାତ ପ୍ରେମିକ ଯିଏ ପାଞ୍ଚ ହଜାର ଟଙ୍କାରେ ବ୍ଲକ୍ ରିପୋର୍ଟର ଥିଲେ, ଆଜିର ଦୁଇ ଲକ୍ଷ ଟଙ୍କା ପ୍ୟାକେଜ୍‌ରେ ଉକ୍ତ ନ୍ୟୁଜ୍ ଚାନେଲର ଏଡିଟର ଅମରେଶ । ଆଉ ତାଙ୍କ ସାମ୍ନାରେ ନିଜ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଅଭିଯୋଗକାରିଣୀ ଥିଲେ ସେଦିନର ସେ ବ୍ଲକ୍ ରିପୋର୍ଟରର ପ୍ରେମିକା ସୁନୟନା... ।

–ରାଜନଗର, କେନ୍ଦ୍ରାପଡା
ମୋ: ୯୮୬୧୫୬୭୯୪୩




ଜନ୍ ଆବ୍ରାହମ

# ଆସନ୍ତା ବର୍ଷକୁ ଅପେକ୍ଷା

ଯାହାକୁ ନେଇ ଜନ୍ ଆବ୍ରାହମ ଟେନ୍‌ସନରେ ଥିଲେ ତାହା ଦୂର ହୋଇଛି। ଅର୍ଥାତ୍, ସେ ଅଭିନୟ କରିଥିବା ସିକ୍ୱେଲ ଫିଲ୍ମ 'ଏକ୍ ଭିଲେନ୍ ରିଟର୍ନସ୍'ର ରିଲିଜ ଡେଟ୍ ଫାଇନାଲ ହୋଇଛି। ଚିତ୍ରଟି ଆସନ୍ତା ବର୍ଷ ଫେବୃୟାରୀ ୧୧ରେ ମୁକ୍ତିଲାଭ କରିବ। ଫିଲ୍ମଟି ଚଳିତ ବର୍ଷ ଫେବୃୟାରୀରେ ରିଲିଜ ହୋଇଥାଆନ୍ତା। ହେଲେ କେତେକ ଆନୁଷଙ୍ଗିକ କାରଣରୁ ତାହାକୁ ଆସନ୍ତାବର୍ଷ ଫେବୃୟାରୀକୁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ ଜନ୍ କହନ୍ତି, 'ଏହାର କେତେକ ସିକ୍ୱେନ୍ସର ଶୁଟିଂ ପୁଣି ଥରେ ହେବାର ଯୋଜନା ରହିଛି। ତେଣୁ ଏଥିପାଇଁ କିଛି ସମୟ ଲାଗିବ। ସେଥିଲାଗି ଏହାର ରିଲିଜ ଡେଟ୍‌କୁ ବାଧ୍ୟ ହୋଇ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ତେଣୁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହିଁ ପଡିବ।' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୋହିତ ସୁରୀ। ଜନ୍‌ଙ୍କ ବ୍ୟତୀତ ଏଥିରେ ଅର୍ଜୁନ କପୁର, ତାରା ସୁଟାରିଆ, ଦିଶା ପଟାନି ମଧ୍ୟ ଅଭିନୟ କରିଛନ୍ତି।

# ଟାଇଟଲ୍ ପାଇଁ ଟେନ୍‌ସନ୍

ଶ୍ରୀଦେବୀ ତନୟା ଜାହ୍ନବୀଙ୍କୁ ନେଇ ଏବେ ଚର୍ଚ୍ଚା। ନିଜକୁ ଯେତେ ନିୟନ୍ତ୍ରଣରେ ରଖିଲେ କ'ଣ ହେବ ଗୋଟିଏ କଥାକୁ ନେଇ ମନ୍ତବ୍ୟ ଦେଇ ସେ ଆଲୋଚନାର ଶିରୋନାମା ପାଲଟିଛନ୍ତି। ତାହା କ'ଣ ଜାଣନ୍ତି ? ସେ ଅଭିନୟ କରିବାକୁ ଯାଉଥିବା ଏକ ସିନେମାର ଟାଇଟଲ ଏଥରକୁ ନେଇ ତିନି ଥର ବଦଳି ସାରିଲାଣି। ଶେଷ ଟାଇଟଲ ଯେ ଫାଇନାଲ ତାହାର ମଧ୍ୟ ଗ୍ୟାରେଣ୍ଟି ନାହିଁ ବୋଲି କହି ବୁଲୁଛନ୍ତି ଜାହ୍ନବୀ। କଥା କ'ଣ କି ରାଜ କୁମାର ରାଓ ଏବଂ ଜାହ୍ନବୀଙ୍କୁ ନେଇ ପ୍ରସ୍ତୁତ ହେବାକୁ ଯାଉଛି ହିନ୍ଦୀ ସିନେମା 'ରୁହି'। ହେଲେ ଏହାପୂର୍ବରୁ ଏହି ଟାଇଟଲ ଦୁଇ ଥର ବଦଳା ଯାଇଥିଲା। ଯେତେବେଳେ ଶୀର୍ଷକ ଘୋଷଣା କରଗଲା ତାହା ଥିଲା 'ରୁହି ଅଫଜା'। ହେଲେ କିଛିଦିନ ପରେ ତାହାକୁ ଚେଞ୍ଜ କରାଯାଇଥିଲା ଏବଂ ଟାଇଟଲ ରହିଥିଲା 'ରୁହି ଅଫଜାନା'। ତାହା ମଧ୍ୟ ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କୁ ଭଲ ଲାଗି ନ ଥିଲା। ତେଣୁ ନିକଟରେ ତାହା ପୁଣି ଥରେ ପରିବର୍ତ୍ତନ କରାଯାଇ 'ରୁହି' ବୋଲି ରଖାଯାଇଛି। ସେପଟେ ଏହାକୁ ନେଇ ମନ୍ତବ୍ୟ ଦେଇ 'ମୁଁ କିଛି ଭୁଲ୍ କରିନାହିଁ' ବୋଲି କହି ବୁଲୁଛନ୍ତି ଜାହ୍ନବୀ। ନିକଟରେ ଏହି ଫିଲ୍ମର ଟ୍ରେଲର୍ ରିଲିଜ ହୋଇ ବେଶ୍ ଭାଇରାଲ୍ ହୋଇଛି।

# ତାପସୀ ଯାହା ଚାହୁଁଥିଲେ...

ଅଭିନୟ ଜୀବନରେ ତାପସୀଙ୍କର ଆଉ ଏକ ଆଶା ପୂରଣ ହୋଇଛି। ଅର୍ଥାତ୍, ସେ ଏପରି ଏକ ଦମ୍‌ଦାର ଭୂମିକା ଖୋଜୁଥିଲେ, ଯାହାଦ୍ୱାରା ତାଙ୍କର ଆକ୍ଟିଂ କ୍ୟାରିୟରକୁ ଆହୁରି ମାଇଲେଜ ମିଳିବ। ଆଉ ତାଙ୍କର ଏପରି ଆଶାକୁ ପୂରଣ କରିଛନ୍ତି ନିର୍ଦ୍ଦେଶକ ଅନୁରାଗ କାଶ୍ୟପ। ଅନୁରାଗ ଏବେ ଏକ ସାଇଣ୍ଟିଫିକ୍ ଥ୍ରୀଲର 'ଦୋବାରା' ନିର୍ମାଣ କରିଛନ୍ତି, ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ତାପସୀ ପାନ୍ନୁ। ଏହି ଫିଲ୍ମର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ତାପସୀ କହନ୍ତି, 'ଏହି ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି ଏବଂ ଏଥିରେ ମୁଁ ମୋ ଭୂମିକାକୁ ନେଇ ବେଶ୍ ଆଶା ରଖିଛି। ଏଭଳି ଭୂମିକାକୁ ତୁଲାଇବା ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଆଶା ରଖିଛି ପରିଶ୍ରମର ମୂଲ୍ୟ ମୋତେ ନିଶ୍ଚୟ ମିଳିବ।' ଅନ୍ୟପକ୍ଷରେ ଏଥିରେ ତାପସୀଙ୍କ ଭୂମିକାକୁ ପ୍ରଶଂସା କରିବାକୁ ଭୁଲି ନାହାନ୍ତି ଅନୁରାଗ। ତେବେ ଫିଲ୍ମଟି ଏବଂ ସେଥିରେ ତାପସୀଙ୍କ ଭୂମିକା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ଜଣାପଡିବ।


ଆଲିଆ

# ମିଳିଗଲେ ଡାର୍ଲିଂ

କିଏ ହେବ ଶାହରୁଖଙ୍କ ଡାର୍ଲିଂ ? ଏ ନେଇ ନିଜେ ପ୍ରଯୋଜକ ଶାହରୁଖ ଯେତିକି ଟେନ୍‌ସନ୍‌ରେ ନ ଥିଲେ ତା'ଠାରୁ ଅଧିକ ଟେନ୍‌ସନ୍‌ରେ ଥିଲେ ନିର୍ଦ୍ଦେଶକ ଜସମିତ୍ କେ. ରିନ୍। ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଦେବେ ପୁଣି ସେହି ଫିଲ୍ମରେ ଅଭିନୟ କରିବେ ଶାହରୁଖ। ତେଣୁ ଟେନ୍‌ସନ ରହିବା ସ୍ୱାଭାବିକ। ହେଲେ 'ଡାର୍ଲିଂ' ନାମକ ଏହି ଚଳଚ୍ଚିତ୍ରର ନାୟିକା ଭୂମିକାରେ କିଏ ଅଭିନୟ କରିବ ତାହା ଗତ କିଛି ମାସ ହେଲା ଫାଇନାଲ ହୋଇପାରୁ ନ ଥିଲା। ଶେଷରେ ଯାହାଙ୍କ ନାମରେ ମୋହର ମରାଯାଇଥିଲା ସେ କିଏ ଥିଲେ ଜାଣନ୍ତି? ଆଲିୟା ଭଟ୍ଟ। ଅବଶ୍ୟ ଏହା ପୂର୍ବରୁ ଶାହରୁଖ-ଆଲିୟା 'ଡିୟର ଜିନ୍ଦେଗୀ'ରେ ଅଭିନୟ କରିସାରିଛନ୍ତି। ଯେତେବେଳେ ଆଲିୟାଙ୍କୁ ଏହି ଅଫର ଦିଆଗଲା, ସେ ମଧ୍ୟ ବିଳମ୍ବ ନ କରି ଗ୍ରୀନ୍ ସିଗ୍‌ନାଲ ଦେଖାଇଥିଲେ। ମା' ଏବଂ ଝିଅର ଅନାବିଳ ସ୍ନେହ ସମ୍ପର୍କକୁ ନେଇ ଏହି ସିନେମାଟି ନିର୍ମିତ ହେବ। ଏଥିରେ ମା' ଭୂମିକାରେ ଶେଫାଳି ଏବଂ ଝିଅ ରୋଲ୍‌ରେ ଆଲିୟା ଅଭିନୟ କରିବେ। ଚଳିତବର୍ଷ ଏପ୍ରିଲରେ ଏହାର ଶୁଟିଂ ଆରମ୍ଭ ହେବ ଏବଂ ଡିସେମ୍ବରରେ ରିଲିଜ ହେବାର ଯୋଜନା ରହିଛି। ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଦାୟିତ୍ୱ ନେବା ପୂର୍ବରୁ ଜସମିତ୍ 'ଫୋର୍ସ-୨', 'ଫାନି ଖାଁ' ଏବଂ 'ପତି ପତ୍ନୀ ଔର ୱୋ'ର କାହାଣୀ ରଚନା କରିସାରିଛନ୍ତି।

# ସ୍ମୃତି ଅଳସୀ କ୍ଷେତକୁ

ସାଧାରଣତଃ ଚଳଚ୍ଚିତ୍ରରେ ରୋମାଣ୍ଟିକ ଗୀତଗୁଡ଼ିକର ଦୃଶ୍ୟାୟନ ବେଶ୍ ଆକର୍ଷଣୀୟ ହୋଇଥାଏ। ତାହା ସବୁଜ ପରିବେଶ ହେଉ ଅବା ବିସ୍ତୀର୍ଣ୍ଣ କ୍ଷେତ। ବିଶେଷଭାବରେ ଅଳସୀ କ୍ଷେତରେ ନାୟିକା-ନାୟକଙ୍କ ନୃତ୍ୟକୁ ମନଛୁଆଁ ଗୀତ ସିନେପ୍ରେମୀଙ୍କୁ ବେଶ୍ ପ୍ରଭାବିତ କରିଥାଏ କହିଲେ ଆଦୌ ଭୁଲ୍ ହେବ ନାହିଁ। ଠିକ୍ ସେହିପରି ନିର୍ମାଣାଧୀନ ଓଡ଼ିଆ ସିନେମା 'ତୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁ କି'ରେ ଦୃଶ୍ୟାୟିତ ହୋଇଛି ଏକ ସୁନ୍ଦର ଡୁଏଟ୍, ଯାହାର ପ୍ରାରମ୍ଭ ଧାଡି ରହିଛି 'ତୁ ତୁ ତାରା'। ବଣପାହାଡ଼ ଘେରା ତଥା ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଧାରଣ କରିଥିବା କୋରାପୁଟ ଜିଲାର ଏକ ଅଳସୀ କ୍ଷେତ୍ରରେ ଉକ୍ତ ଗୀତର ପିକ୍ଚରାଇଜେଶନ କରାଯାଇଛି। ଏହି ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ନୂଆ ଯୋଡି ଶ୍ରେୟାନ ଓ ଉପାସନା। ଖାସ୍ କଥା ହେଲା, ଦୁହିଁଙ୍କର ଜନ୍ମସ୍ଥାନ ହେଉଛି କୋରାପୁଟ। ତେଣୁ ସେମାନଙ୍କ ଜୀବନର ସ୍ମୃତିପଟରେ ଆଉ ଏକ ଅଭୁଲା ସ୍ମୃତି ଯୋଡି ହୋଇଯାଇଛି। ଭଦ୍ରା ମୋଶନ ଷ୍ଟୁଡିଓ ବ୍ୟାନରରେ ତଥା ଉପହାର ଭଦ୍ରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଥିବା ଏହି ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଓଲିଉଡ୍‌ର ଆଗଧାଡ଼ିର କୋରିଓଗ୍ରାଫର ଗିରିଶ ମହାନ୍ତି। ପୁଣି ପ୍ରଥମ ଥର ପାଇଁ ସେ ଏହି ହଟ୍ ସିଟ୍‌ରେ ବସିଛନ୍ତି। ରବୀନ୍ଦ୍ର ବେହେରା ଏହାର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଉଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଭୂତି ଭୂଷଣ।


ଉପାସନା

# ଆଶୁତୋଷଙ୍କ ପ୍ରଶଂସାରେ ହ୍ରିତିକ

ହ୍ରିତିକ ରୋଶନ ଏବେ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକରଙ୍କ ପ୍ରଶଂସାରେ ଶତମୁଖ। କାରଣ ଏହି ନିର୍ଦ୍ଦେଶକଙ୍କ ପାଇଁ ନିଜ ଆକ୍ଟିଂ କ୍ୟାରିୟରରେ ସେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡି ପାରିଥିଲେ। ନିକଟରେ ଆଶୁତୋଷଙ୍କ ଜନ୍ମଦିନ ପାଳନ ଅବସରରେ ହ୍ରିତିକ ନିଜ ବଲିଉଡ୍ କ୍ୟାରିୟର ବିଷୟରେ ବଖାଣି ବସିଥିଲେ। ଏହି ସମୟରେ ସେ କହିଥିଲେ ଯେ, 'ମୋର ପ୍ରଥମ ସିନେମା 'କହୋ ନା ପ୍ୟାର୍ ହୈ' ଠାରୁ ଏ ପର୍ଯ୍ୟନ୍ତ ମୁଁ ଅନେକ ସିନେମାରେ ଅଭିନୟ କରିଛି। ମୋତେ ଭିନ୍ନ ଭିନ୍ନ ଭୂମିକା ମଧ୍ୟ ମିଳିଛି। ହେଲେ ଆଶୁତୋଷ ଗୋୱାରିକରଙ୍କ ପିରିୟଡିକ୍ ଡ୍ରାମା 'ଯୋଦ୍ଧା ଆକବର'କୁ ମୁଁ କଦାପି ଭୁଲି ପାରିବି ନାହିଁ। ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ଏକ ଟର୍ନିଂ ପଏଣ୍ଟ ଥିଲା। ଆଶୁତୋଷଙ୍କ ନିର୍ଦ୍ଦେଶନାକୁ ମୁଁ ଯେତେ ପ୍ରଶଂସା କଲେ ବି ତାହା କମ୍ ହେବ। ତାଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବାର ମଜା ନିଶ୍ଚୟ ନିଆରା।' ଏହି ଫିଲ୍ମରେ ହ୍ରିତିକଙ୍କ ନାୟିକା ସାଜିଥିଲେ ଐଶ୍ୱର୍ଯ୍ୟା ରାୟବଚ୍ଚନ। ଏବେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ହିନ୍ଦୀ ସିନେମା 'ଫାଇଟର୍'ରେ ହ୍ରିତିକ ଅଭିନୟ କରୁଛନ୍ତି ଏବଂ ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୀପିକା ପାଦୁକୋନ୍। ଫିଲ୍ମଟି ୨୦୨୨ ସେପ୍ଟେମ୍ବର ୩୦ରେ ପରଦା ଉପରକୁ ଆସିବ।


ଜାହ୍ନବୀ


ତାପସୀ


ହ୍ରିତିକ

ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ଘରେ ଦେଇଥିଲେ



ଜିଲା କ୍ରୀଡ଼ା ଅଧିକାରୀ **ଲଳିତେନ୍ଦୁ ମହାନ୍ତିଙ୍କ** ପ୍ରଥମ ରୋଜଗାରର ଅନୁଭୂତି ସମ୍ପର୍କରେ ...

**କ**ଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ଗାଁରେ ତାଙ୍କ ଜନ୍ମ। ବାପାଙ୍କର ଚାକିରି କ୍ଷେତ୍ରରେ ବାରମ୍ବାର ବଦଳି ଯୋଗୁ ତାଙ୍କ ପାଠପଢ଼ା ବିଭିନ୍ନ ସ୍ଥାନରେ ହୋଇଥିଲା। ତେବେ ଛତ୍ରପୁର ଅନସ୍ଲୋ ଇନ୍‌ଷ୍ଟିଚ୍ୟୁଶନରୁ ଏକାଦଶ ପାସ୍ କରି ସେ ଛତ୍ରପୁର ସାଇନ୍ସ କଲେଜରେ ପଢ଼ିଥିଲେ। ସେଠାରୁ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ରେ କ୍ରିକେଟ କୋଚିଂ ଉପରେ ବି ସେ ଏକ କୋର୍ସ କରିଥିଲେ। କାରଣ ପିଲାବେଳୁ କ୍ରିକେଟ ଖେଳ ପ୍ରତି ତାଙ୍କର ବେଶ୍ ଆଗ୍ରହ ଥିଲା। ଏପରି କି ବ୍ରହ୍ମପୁର ୟୁନିଭର୍ସିଟି ତଥା ରଣଜୀ ପାଇଁ ସେ ମନୋନୀତ ହେବା ସହ ଏନ୍‌ଆଇଏସ୍‌ରେ ତାଲିମ ନିମନ୍ତେ ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ତାଙ୍କ ନାମକୁ ସୁପାରିସ କରାଯାଇଥିଲା। ଏଥିସହିତ ତାଙ୍କ ପଢ଼ାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଥିଲେ। ଏହି କୋର୍ସ ସରିବା ପରେ ସେ ବିଦର୍ଭ କ୍ରିକେଟ ପ୍ଲେୟାର୍ ଆସୋସିଏଶନରେ କୋଚ୍ ଭାବେ ଜଏନ୍ କରିଥିଲେ। ଏହା ଥିଲା ୧୯୮୮ ମସିହାର କଥା। ଖାଇପିଇ ସେତେବେଳେ ତାଙ୍କୁ ୩ହଜାର ଟଙ୍କା ପାରିଶ୍ରମିକ ମିଳୁଥିଲା। ପ୍ରଥମ ଦରମା ଟଙ୍କା ସେ ତାଙ୍କ ଘରେ ଦେଇଥିଲେ। ପ୍ରାୟ ମାସେ ହେବ ଏହି ବିଦର୍ଭ ଆସୋସିଏଶନ୍‌ରେ କାମ କରିବା ପରେ ସେ ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର କୋଚ୍ ଭାବେ ଯୋଗଦେଇ ୧୯୮୮ରୁ ୧୯୯୭ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ବର୍ଗର ଖେଳାଳିଙ୍କୁ କୋଚିଂ ଦେଉଥିଲେ। ଏହି ସମୟରେ ହିଁ ଓଡ଼ିଶା ଦଳଗତ ଭାବେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବା ସହିତ ଖେଳାଳିମାନେ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଥିଲେ। ଆଉ ତା'ରି ଭିତରେ ହିଁ ତାଙ୍କୁ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ (ବିସିସିଆଇ)ରେ ନିଯୁକ୍ତି ମିଳିଗଲା ; ଯଦ୍ୱାରା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କେତେଜଣ ବିଶିଷ୍ଟ କୋଚ୍ ଯେମିତି କି ଦ୍ରୋଣାଚାର୍ଯ୍ୟ ଗୁରୁଚରଣ ସିଂ, ହନୁମନ୍ତ ସିଂ, ଟି.ଏସ୍. ନାଇଡୁ, କପିଲ ଦେବଙ୍କ କୋଚ୍ ଦ୍ରୋଣାଚାର୍ଯ୍ୟ ଡି.ପି.ଆଜାଦ୍ ଇତ୍ୟାଦିଙ୍କ ସଂସ୍ପର୍ଶରେ ଆସି ସେମାନଙ୍କଠାରୁ କୋଚିଂ କ୍ଷେତ୍ରରେ ଅନେକ କିଛି ଶିକ୍ଷା ଲାଭ କରିବାର ସାନିଧ୍ୟ ମିଳିଥିଲା। ବେଶ୍ କିଛିବର୍ଷ ବୋର୍ଡରେ କାମ କରିବା ପରେ ୧୯୯୨ରେ ସିଏ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗରେ ଜଏନ୍ କରିଥିଲେ। ଏଠାରେ କାମ କରିବା ସହ ବିଭିନ୍ନ ବର୍ଗର ଓଡ଼ିଶା ଦଳକୁ ସେ କୋଚିଂ ମଧ୍ୟ ଦେଉଥିଲେ। ଆଉ ଏହି ସମୟରେ ହିଁ ତାଙ୍କଠାରୁ ତାଲିମ ନେଇ ଏକାଧିକ ଖେଳାଳି ରାଜ୍ୟ ତଥା ଦେଶ ପାଇଁ ଅନେକ ସୁନାମ ଆଣିଥିଲେ, ଯାହା ତାଙ୍କ ପାଇଁ ଏକ ଗୌରବର ବିଷୟ ଥିଲା। ଏହାପରେ ୨୦୦୦ ମସିହାରେ ସେ ଗଜପତି ଜିଲାର ଜିଲା କ୍ରୀଡ଼ା ଅଧିକାରୀ ଭାବେ ଯୋଗଦେଇଥିଲେ। ପ୍ରାୟ ୧୦ ବର୍ଷ ସେଠାରେ ରହଣି ଭିତରେ ସେଠାକାର ୭ଟି ବ୍ଲକରେ ୧୨ଟି ଖେଳପଡିଆ, ପାରଳାଖେମୁଣ୍ଡିରେ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ଏକ ଇଣ୍ଡୋର୍ ହଲ୍ ପାଇଁ ଭିତ୍ତିଭୂମି ସ୍ଥାପନ କରାଇବାରେ ସହଯୋଗ କରିଥିଲେ। ତା'ସହିତ ତୃଣମୂଳ ସ୍ତରରେ ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତା ଆରମ୍ଭ କରି ପିଲାମାନଙ୍କୁ ଜିଲାସ୍ତରରେ ମନୋନୀତ କରିବା ଏବଂ ପରେ ସେମାନଙ୍କୁ ରାଜ୍ୟସ୍ତରକୁ ପଠାଇବା ଓ ବିଜୟୀ କରାଇବାରେ ତାଙ୍କର ଭୂମିକ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। କେବଳ ସେତିକି ନୁହେଁ, ସେ ସମୟରେ ଗଜପତି ଜିଲା ସଂସ୍କୃତି ଅଧିକାରୀ ଭାବେ ଦାୟିତ୍ୱ ନେଇ ସିଏ ଅନେକ ଉନ୍ନତିମୂଳକ କାର୍ଯ୍ୟ ବି ସେଠାରେ କରିଥିଲେ ; ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପଞ୍ଚାୟତ ସ୍ତରରୁ ଉଚିତ କ୍ରୀଡ଼ାବିତ୍ ତଥା ପାରମ୍ପରିକ ସଂସ୍କୃତିକୁ ଲୋକଲୋଚନକୁ ଆଣିବା। ଆଉ ଏବେ ସେ ଖୋର୍ଦ୍ଧାରେ ଜିଲା କ୍ରୀଡ଼ା ଅଧିକାରୀ ଭାବେ କାର୍ଯ୍ୟରତ। ଏଥିସହିତ ସିଏ ୮ରୁ ୧୨ ବର୍ଷର ଇଚ୍ଛୁକ ପିଲାମାନଙ୍କୁ କ୍ରିକେଟ୍ ଉପରେ କୋଚିଂ ଦେବା ସହ ସେମାନଙ୍କୁ ଖେଳର ସବୁ ନିୟମ ବିଷୟରେ ବୁଝାଇବାକୁ ନିଜର ଚେଷ୍ଟା ମଧ୍ୟ ଜାରି ରଖିଛନ୍ତି। ତେବେ ତଳସ୍ତରରୁ କ୍ରିକେଟ୍ ଖେଳର ସମସ୍ତ କୌଶଳ ସମ୍ପର୍କରେ ସମସ୍ତେ କେମିତି ଜାଣିପାରିବେ ଏହା ହିଁ ହେଉଛି ତାଙ୍କର ଏକ ମାତ୍ର ଲକ୍ଷ୍ୟ।

*–ଅମ୍ରିତା*

# ଚୋରା ଚାହାଣିକୁ ମୁରୁକି ହସ, ତହିଁରେ ରହିଛି ପ୍ରେମର ରସ

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ ଯେତେବେଳେ ଦେଖୁଛି ହସି ଦେଇ ଚାଲିଯାଉଛି। ତାକୁ ପ୍ରେମ ନିବେଦନ କରିବି ବୋଲି ଭାବୁଛି। ହେଲେ କାଳେ ସେ ମୋତେ ମନା କରିଦେବ, ସେଥିପାଇଁ ଡର ଲାଗୁଛି। କ'ଣ କରିବି ?

*–ବାଦଲ ରାଉତ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଲାଗୁଛି ସେହି ସୁନ୍ଦରୀର ମୁରୁକି ହସ ନିକଟରେ ଆପଣଙ୍କ ଉତାଳିଆ ମନ ବନ୍ଧା ପଡିଛି। କାରଣ 'ଚୋରା ଚାହାଣିକୁ ମୁରୁକି ହସ, ତହିଁରେ ରହିଛି ପ୍ରେମର ରସ'। ତେଣୁ ଯଦି ସେହି ମୁରୁକି ହସରୁ ପ୍ରେମର ପହିଲି ଆଭାସ ଜାଣିପାରୁଛନ୍ତି ତେଣୁ ଡେରି କରୁଛନ୍ତି କିଆଁ ? ପ୍ରଥମେ ମନରେ ସାହସ ବାନ୍ଧନ୍ତୁ। କାରଣ ମନରେ ଦମ୍ଭ ନ ଆସିଲେ ପ୍ରେମ ଲାଇନ୍‌ରେ ଆଗେଇବେ କେମିତି ? ତେଣୁ ମନରୁ ଭୟ ରୂପକ ଭାଇରସ୍‌କୁ ଦୂର କରି ବେଳକାଳ ଦେଖି ଥୋପ ପକାନ୍ତୁ। ଯାହା ଲାଗୁଛି ଆପଣଙ୍କ ମନର ମାନସୀ ପ୍ରେମ ଜାଲରେ ନିଶ୍ଚୟ ଧରାପଡିବ। ବାସ୍, ସବୁକିଛି ଆପଣଙ୍କ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ**–ଜଣେ ଝିଅକୁ କିପରି ପ୍ରେମ ନିବେଦନ କରିବି ଜାଣିପାରୁନାହିଁ। ମୋତେ କିଛି ଫର୍ମୁଲା ବତାଇବେ କି ?

*–ଅନୁରାଗ ସାହୁ, ରାଉରକେଲା*

**ଉତ୍ତର:** ପ୍ରଥମେ ପାଣିପାଗକୁ ଭଲ ଭାବରେ ପରଖି ନିଅନ୍ତୁ। କାରଣ ମୁଣ୍ଡରେ ଯେତେବେଳେ ପ୍ରେମର ନିଶା ଚଢ଼େ ସେତେବେଳେ ଠିକ୍ କ'ଣ ଭୁଲ୍ କ'ଣ ତାହା ତର୍ଜମା କରିବାକୁ କେତେକେ ଭୁଲି ଯାଇଥାଆନ୍ତି। ସେହି ଝିଅର ମନର ପରିଭାଷାକୁ ପ୍ରଥମେ ପଢ଼ନ୍ତୁ। ତାହାର ଗତିବିଧି, ଆପଣଙ୍କ ଆଡକୁ ତା' ମନ ପ୍ରକୃତରେ କେତେ ଢଳିଛି ତାହା ଦେଖନ୍ତୁ। ଯଦି ଅନୁମାନିଆ କରି ବହି ଫିଟ୍ କରିବାକୁ ଚେଷ୍ଟା କଲେ ତେବେ ଏପଟ ସେପଟ ହେବାର ଚାନ୍ସ ଅଛି। ତେଣୁ ସୁବିଧା ଦେଖି ଏପରି ଗୁଗୁଲି ପକାନ୍ତୁ, ଯେମିତି ସେହି ସୁନ୍ଦରୀ ସେଥିରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ସୁନ୍ଦରୀ ଝିଅଙ୍କୁ 'ଆଇ ଲଭ୍ ୟୁ' କହିବା ସହଜ ନୁହେଁ ବୋଲି ଜଣେ ସାଙ୍ଗ ମୋତେ କହିଲା। ଏକଥା ସତ କି ?

*–ଦିବ୍ୟଲୋଚନ ରାଉତ, ମାଲକାନଗିରି*

**ଉତ୍ତର:** ହିନ୍ଦୀ ସିନେମା 'ସଚ୍ଚା ଝୁଟା'ରେ ଗୋଟିଏ ଗୀତ ସଂଯୋଜିତ ହୋଇଛି, ତାହା ହେଲା–ଦିଲ୍ କୋ ଦେଖୋ, ଚେହେରା ନା ଦେଖୋ, ଚେହେରେନେ ଲାଖୋଁ କୋ ଲୁଟା, ଦିଲ୍ ସଚ୍ଚା ଔର ଚେହେରା ଝୁଟା'। ତେଣୁ ପ୍ରେମ କରିବା ସମୟରେ ରୂପକୁ ଗୁରୁତ୍ୱ ଦେଲେ ସବୁବେଳେ ଯେ ସକ୍‌ସେସ୍ ହେବ ତାହା ଭାବିବା ଭୁଲ୍। ପ୍ରେମିକା ଗୋରୀ ହେଉ ଅବା କାଳୀ ତା' ହୃଦୟକୁ ଜିତିବା ହେଲା ବଡ଼ କଥା। ସୁନ୍ଦରୀଙ୍କୁ 'ଆଇ ଲଭ୍ ୟୁ' କହିବା ସହଜ ନୁହେଁ–ଏକଥା ଭାବିବା ପୂର୍ବରୁ ସେହି ସୁନ୍ଦରୀ ମନରେ ଏପରି ସ୍ଥାନଟିଏ ସୃଷ୍ଟି କରନ୍ତୁ ଯେମିତି ତାକୁ ଏକଥା କହିବା ମାତ୍ରେ ସେପଟୁ ଗ୍ରୀନ୍ ସିଗ୍‌ନାଲ ମିଳିଯିବ।

**ପ୍ରଶ୍ନ**–ପ୍ରେମର ଅଧା ବାଟରେ ମୋ ପ୍ରେମିକା ମୋତେ ଛାଡି ଆଉ ଜଣକ ସାଙ୍ଗରେ ଲସର ପସର ହେଉଛି। ହେଲେ ତା' ବିନା ମୁଁ ବଞ୍ଚି ପାରିବି ନାହିଁ। କ'ଣ କରିବି ?

*–ଆଶୁତୋଷ, ପୁରୀ*

**ଉତ୍ତର:** ଆପଣଙ୍କୁ କୁମ୍ଭୀର ନେଇ ମଝି ନଈରେ କଲାଣି, ହେଲେ ଆପଣ ତା' ପିଠିରେ ବସି ରଙ୍ଗିନ ସ୍ୱପ୍ନ ଦେଖୁଛନ୍ତି ? ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ଏବେ ଚ୍ୟାନେଲ ଚେଞ୍ଜ କରିସାରିଲାଣି। ତଥାପି ତାକୁ ଆପଣ ଭୁଲି ପାରୁନାହାନ୍ତି। କାହିଁକି ସେ ପୁରୁଣା ଘା'କୁ ଉଖୁରାଇବେ କହିଲେ ? ଗତସ୍ୟ ଶୋଚନା ନାସ୍ତି। ଗଙ୍ଗା ଗଲେ ଯେତିକି ପୁଣ୍ୟ କଲେ ସେତିକି। ଏଥର ଏମିତିକା ପ୍ରେମିକାଟିଏ ଯୋଗାଡ଼ କରନ୍ତୁ, ଯିଏ ଆପଣଙ୍କ ସହ ଛାଇ ପରି ରହିଥିବ।



# ସୌଭାଗ୍ୟ ଆଣିପାରେ ଗଛ


ସ୍ନେକ ପ୍ଲାଣ୍ଟ

**ଏମିତି କିଛି ଗଛ ନାହିଁ, ଯାହା ମଣିଷର ଉପକାରରେ ଆସେ ନାହିଁ। ତେବେ ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ଗଛର ଭିନ୍ନ ଭିନ୍ନ ଉପକାରିତା ଦେଖିବାକୁ ମିଳେ। କିଏ ଖାଦ୍ୟ ରୂପେ ବ୍ୟବହାର ହୁଏ ତ କିଏ ଔଷଧୀୟ ଗୁଣରେ ଭରପୂର। କିଏ ପରିବେଶକୁ ସ୍ୱଚ୍ଛ ରଖୁଥିବାବେଳେ କିଏ ମାନସିକ ବିଷାଦ ଦୂର କରେ। ତେବେ ଏମିତି ବି କିଛି ଗଛ ଅଛି, ଯିଏ ପରିବେଶକୁ ତ ସ୍ୱଚ୍ଛ ରଖେ ତା' ସହିତ ଘରର ସୌଭାଗ୍ୟ ମଧ୍ୟ ବୃଦ୍ଧି କରିଥାଏ...**


ଲକି ବାମ୍ବୋ

**ଏଗ୍ଲୋନେମା–** ଘରର ସୁଖ ସମୃଦ୍ଧି ବୃଦ୍ଧି କରୁଥିବା ଗଛ ମଧ୍ୟରେ ଆସେ ଏଗ୍ଲୋନେମାର ନାଁ। ଯାହାକୁ ଚାଇନିଜ ଏଭରଗ୍ରୀନ୍ ମଧ୍ୟ କୁହନ୍ତି। ଏହି ଗଛ ଘର ଭିତରେ ଏବଂ ବାହାରେ, ଯେକୌଣସି ଜାଗାରେ ବଢ଼ିପାରେ। ସୂର୍ଯ୍ୟାଲୋକ ଥାଉ କି ନ ଥାଉ ଏହି ଗଛ ଗୁରୁତ୍ୱ ଦିଏନି। ଏହି ଗଛକୁ ପୁରା ଏସିଆ ମହାଦେଶରେ ସୌଭାଗ୍ୟ ଆଣୁଥିବା ଗଛ ବୋଲି ବିଶ୍ୱାସ କରାଯାଏ। ଏହା ସହିତ ଏହି ଗଛ ଏୟାର ପ୍ୟୁରିଫାୟର ମଧ୍ୟ।

**ମନିପ୍ଲାଣ୍ଟ–** ମନି ପ୍ଲାଣ୍ଟ ସୁଖ, ସମୃଦ୍ଧି ଓ ସୌଭାଗ୍ୟ ଆଣୁଥିବା ଗଛ ପାଇଁ ବେଶ୍ ଜଣାଶୁଣା। ବାସ୍ତୁ ଓ ଫେଙ୍ଗସୁଇ ଦୃଷ୍ଟିରୁ ଘରର ଆର୍ଥିକ ଉନ୍ନତି ପାଇଁ ମନିପ୍ଲାଣ୍ଟର ବିଶେଷ ଭୂମିକା ରହିଛି। ଏହା ସବୁଠୁ ଭଲ ଏୟାରପ୍ୟୁରିଫାୟାର ପ୍ଲାଣ୍ଟ ହେବା ସହ ଏହା ଘର ଭିତରେ ସକାରାତ୍ମକ ବାତାବରଣ ସୃଷ୍ଟି କରିଥାଏ ଓ ଅକ୍ସିଜେନର ମାତ୍ରା ବଢ଼ାଇଥାଏ। ବାସ୍ତୁ ଅନୁସାରେ ଏହାକୁ ଘରର ଦକ୍ଷିଣ ପୂର୍ବ ସ୍ଥାନରେ ଲଗାନ୍ତୁ। ଏହା ଘରକୁ ଆସୁଥିବା ବିଭିନ୍ନ ସମସ୍ୟା ଦୂର କରିବା ସହ ସମୃଦ୍ଧି ଆଣିଥାଏ।

**ଲକି ବାମ୍ବୋ–** ଏହି ଗଛ ହେଉଛି ସବୁଠୁ ଅଧିକ ଲୋକପ୍ରିୟ ଇଣ୍ଡୋର ପ୍ଲାଣ୍ଟ। ଏହା ଘର ଭିତରେ ଖୁବ୍ କମ୍ ଆଲୋକରେ ବଢ଼ିପାରିବା ସହ ପାଣିରେ ବି ବଢିପାରେ। ବାସ୍ତୁ ଓ ଫେଙ୍ଗସୁଇ ଅନୁସାରେ ଏହି ଗଛକୁ ଘର ଓ ଅଫିସରେ ଲଗାଇଲେ ସକାରାତ୍ମକ ଶକ୍ତି ବୃଦ୍ଧି କରିବା ସହ ସମୃଦ୍ଧି ଆଣିଥାଏ। ଏହି ଗଛକୁ ଘରର ଦକ୍ଷିଣ-ପୂର୍ବ କିମ୍ବା ପୂର୍ବ ଦିଗରେ ଲଗାଇଲେ ଏହା ଧନବୃଦ୍ଧିରେ ସହାୟକ ହୋଇଥାଏ। ଏହା ମଧ୍ୟ ଏୟାରପ୍ୟୁରିଫାୟର ପ୍ଲାଣ୍ଟ।

**ପିସ୍ ଲିଲି–** ଏହି ଗଛ ସବୁଠୁ ଭଲ ଏୟାର ପ୍ୟୁରିଫାୟର ବେଡ଼ରୁମ ପ୍ଲାଣ୍ଟ। ଏହି ଗଛ ଘର ଭିତରୁ ନକାରାତ୍ମକ ଶକ୍ତି ଦୂର କରି ସକରାତ୍ମକ ଶକ୍ତି ଆଣିଥାଏ। ପୁଣି କମ୍ ଆଲୋକରେ ବଢ଼ି ପାରୁଥିବା ଏହି ଗଛ ମଧ୍ୟ ଏୟାର ପ୍ୟୁରିଫାୟର।

**ସ୍ନେକ୍ ପ୍ଲାଣ୍ଟ–** ସ୍ନେକ ପ୍ଲାଣ୍ଟର ଅନ୍ୟ ନାଁ ସନ୍‌ସେଭେରିଆ ଓ ମଦର-ଇନ୍-ଲ-ଟଙ୍ଗ୍। ଏହାକୁ ଗୁଡ଼ଲକ୍ ପ୍ଲାଣ୍ଟ ମଧ୍ୟ କୁହାଯାଏ। ଏହା ଘରର ବିଷାକ୍ତ ବାୟୁକୁ ଶୋଷିନେଇ ଘର ଭିତରେ ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ ଦେଇଥାଏ। ତେଣୁ ପରିବାରରେ ସୁସ୍ଥତା ଆଣିବାରେ ଏହି ଗଛର ଯୋଗଦାନ ବହୁତ। ଏହି ଗଛକୁ ପରିବାରର ସୁଖ ସମୃଦ୍ଧି ବୃଦ୍ଧି କରୁଥିବା ଗଛ ବୋଲି କୁହାଯାଏ। ରୋଷେଇ ଘର ପୋଡ଼ାତେଲ କି ବାଥରୁମ୍‌ରେ ବ୍ୟବହାର ହେଉଥିବା କେମିକାଲକୁ ଶୋଷିନେଇ ବାୟୁକୁ ଶୁଦ୍ଧ କରିବାରେ ଏହି ଗଛର ଭୂମିକା ବହୁତ।

**ପାମ୍ ଟ୍ରି–** ପାମ୍ ଟ୍ରି ହେଉଛି ସବୁଠୁ ଭଲ ଏୟାରପ୍ୟୁରିଫାୟର ଗଛ ମଧ୍ୟରେ ଅନ୍ୟତମ। ତେବେ ବାସ୍ତୁ ଓ ଫେଙ୍ଗସୁଇ ଅନୁସାରେ ଏହା ସୌଭାଗ୍ୟକୁ ଡାକି ଆଣୁଥିବା ଗଛ ମଧ୍ୟରେ ଅନ୍ୟତମ। ଏହା ଘର ମଧ୍ୟକୁ ସକାରାତ୍ମକ ଶକ୍ତିକୁ ଟାଣିଆଣିବା ସହିତ କାର୍ପେଟ ଆଦିରେ ଥିବା କ୍ଷତିକାରକ ଜୀବାଣୁକୁ ବି ପରିଷ୍କାର କରିଥାଏ।


ମନିପ୍ଲାଣ୍ଟ

**ଜାଡ଼େ–** ଏହି ଗଛକୁ ସଫଳତା ଓ ସମୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ କରାଯାଏ। ଏହି ଗଛ ଧନ ସହ ସଫଳତାକୁ ଟାଣିଆଣେ ବୋଲି କୁହାଯାଉଥିବାରୁ ଏହାକୁ ଘରର ଦୁଆର ମୁହଁରେ ରଖିଲେ, ଏହା ଗୃହକର୍ତ୍ତାଙ୍କ ପାଇଁ ଖୁବ୍ ଶୁଭ ହୋଇଥାଏ। ଅଫିସ ପାଇଁ ମଧ୍ୟ ଏହି ଗଛ ଖୁବ ଶୁଭ। ଏହି ସକୁଲାଣ୍ଟ ପ୍ଲାଣ୍ଟର ପତ୍ରକୁ ଧନ ଓ ସମୃଦ୍ଧିର ପ୍ରତୀକ ବୋଲି ବାସ୍ତୁ ଓ ଫେଙ୍ଗସୁଇରେ ବିଶ୍ୱାସ ରହିଛି।


ଜାଡ଼େ

**ସ୍ପାଇଡର ପ୍ଲାଣ୍ଟ–** ସବୁଠୁ ସହଜରେ ବଢ଼ିପାରୁଥିବା ଇନ୍‌ଡୋର ପ୍ଲାଣ୍ଟ ହେଉଛି ସ୍ପାଇଡର ପ୍ଲାଣ୍ଟ। ଏହା ଘର ଓ ଅଫିସରୁ କାର୍ବନ ମନୋକ୍ସାଇଡ ଓ ମିଥେନ୍ ଆଦି ଗ୍ୟାସ୍ ଦୂର କରି ଘର ଭିତରେ ଶୁଦ୍ଧ ଅକ୍ସିଜେନ ଭରିଦିଏ। ଫେଙ୍ଗସୁଇ ଅନୁସାରେ ଏହା ଘର ଭିତରେ ନକାରାତ୍ମକ ଶକ୍ତିକୁ ଦୂର କରିବା ସହିତ ମାନସିକ ଦୁଃଶ୍ଚିନ୍ତା ମଧ୍ୟ ଦୂର କରିଥାଏ। ଏହି ଗଛକୁ ଜ୍ଞାନର ପ୍ରତୀକ ବୋଲି ମଧ୍ୟ କୁହାଯାଏ।

**ଆଲୋଭେରା–** ଆଲୋଭେରା ଗଛ ତା'ର ଔଷଧୀୟ ଗୁଣ ପାଇଁ ବେଶ୍ ଜଣାଶୁଣା। ତେବେ ଏହାର ଆଉ ଏକ ପରିଚିତି ହେଲା ଏହା ହେଉଛି ଏକ ଜଣାଶୁଣା ବାସ୍ତୁ ଗଛ। ଯାହା ଘର ଭିତରେ ନକାରାତ୍ମକ ଶକ୍ତିକୁ ବାହାର କରିବା ସହିତ ସକାରାତ୍ମକ ଶକ୍ତି ଘରେ ପ୍ରବେଶ କରାଇଥାଏ। ତେବେ ବାସ୍ତୁ ଅନୁସାରେ ଏହି ଗଛକୁ ଘରର ପୂର୍ବ କିମ୍ବା ଉତ୍ତରକୋଣରେ ଲଗାଇବା ଆବଶ୍ୟକ।


ପଚିରା


ପାମ୍ ଟ୍ରି

**ପଚିରା–** ପଚିରାକୁ ପଇସାର ଗଛ ବୋଲି ମଧ୍ୟ କୁହାଯାଏ। ଏହି ଗଛର ପ୍ରତିଟି ଡେମ୍ଫରେ ପାଞ୍ଚଟି ପତ୍ର ରହିଥାଏ ଯାହାକୁ ଅତ୍ୟନ୍ତ ଶୁଭ ବୋଲି ଫେଙ୍ଗସୁଇରେ ବିଶ୍ୱାସ କରାଯାଏ। ଏହି ଗଛକୁ ଘର ଭିତରେ ଦକ୍ଷିଣ-ପୂର୍ବ କୋଣରେ ଲଗାଇଲେ ଆର୍ଥିକ ସମୃଦ୍ଧି ଦିଗରେ ବେଶ୍ ସହାୟକ ହୋଇପାରିବ।

କେବଳ ଏତିକି ନୁହେଁ, ଏମିତି ଅନେକ ଗଛ ରହିଛି, ଯାହା ପାଇଁ ଜାଗାର ବି ସମସ୍ୟା ନାହିଁ। କାରଣ ଏସବୁ ହେଉଛି ଇନ୍‌ଡୋର ପ୍ଲାଣ୍ଟ ବା ଘର ଭିତରେ ଲଗାଯାଉଥିବା ଗଛ। ଯାହା ଆପଣଙ୍କ ଘରର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଆପଣଙ୍କ ଘର ପାଇଁ ସୁଖ ସମୃଦ୍ଧି ଡାକିଆଣିବ।


ଏଗ୍ଲୋନେମା


ସ୍ପାଇଡର ପ୍ଲାଣ୍ଟ


ପିସ୍ ଲିଲି


ଆଲୋଭେରା

# ମଡେଲ ମିରର୍



ଜାଙ୍କଲିନ୍

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ- ଅଖିଲ୍ ରଞ୍ଜନ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

### ପସନ୍ଦ

ଶାଶୁ ବୋହୂକୁ- ଯେବେ ମୁଁ ମା' ହେବାକୁ ଯାଉଥିଲି ମୁଁ ଯାହାବି ଖାଇପିଇ ଥିଲି, ଆଜି ସେସବୁ ମୋ ପୁଅର ବହୁତ ପସନ୍ଦ।

ବୋହୂ- ମା', ଆପଣ ବୋଧେ ସେଇ ସମୟରେ ସିଗାରେଟ୍ ଓ ମଦ ବି ପିଇଥିଲେ। ସେଥିପାଇଁ ତ ସିଏ ଏସବୁକୁ ଛାଡ଼ିପାରୁ ନାହାନ୍ତି।

### ମୂର୍ଖ

ବାପା ପୁଅକୁ ରାଗିକି- ମୁଁ ତତେ ବଜାରରୁ ପୁଦିନା ପତ୍ର ଆଣିବାକୁ କହିଥିଲି। ତୁ ନେଇ ଆସିଲୁ ଧନିଆ ପତ୍ର। ତୋ ଦ୍ୱାରା ଗୋଟେ ବି କାମ ଠିକ୍‌ରେ ହେବନି। ତୋ ଭଳି ମୂର୍ଖକୁ ଘରୁ ବାହାର କରିଦେବା କଥା।

ପୁଅ- ବାପା, ଚାଲ ଏକା ସାଙ୍ଗରେ ଘରୁ ବାହାରି ଯିବା।

ବାପା- କାହିଁକି?

ପୁଅ- କାରଣ ମାମା କହିଲା ଏଇଟା ଧନିଆ ପତ୍ର ନୁହଁ, ମେଥି ପତ୍ର।

### ଲଙ୍ଗ ଡ୍ରାଇଭ୍

ପ୍ରେମିକ ପ୍ରେମିକାକୁ କାର୍‌ରେ ବସାଇ ବୁଲାଇବାକୁ ନେଉଥାଏ।

ପ୍ରେମିକା- ଆମେ କୁଆଡ଼େ ଯାଉଛେ?

ପ୍ରେମିକ-ଲଙ୍ଗ ଡ୍ରାଇଭ୍‌ରେ।

ପ୍ରେମିକା- ଆଗରୁ କାହିଁକି କହିଲନି?

ପ୍ରେମିକ- ମୁଁ ତ ନିଜେ ଏବେ ଜାଣିଲି।

ପ୍ରେମିକା- କେମିତି?

ପ୍ରେମିକ- ବ୍ରେକ୍ ଲାଗୁ ନ ଥିବାରୁ।



## ପବିତ୍ର ଜୈନ ସ୍ଥଳୀ

# ପାଲିତାନା ମନ୍ଦିର



**ଗୁଜରାଟର ଭାବନଗର ଜିଲାରେ ଅବସ୍ଥିତ ପାଲିତାନା ମନ୍ଦିର ହେଉଛି ଏକ ଲୋକପ୍ରିୟ ଜୈନ ତୀର୍ଥସ୍ଥଳୀ । ଏହି ତୀର୍ଥଭୂମି ଏତେ ପବିତ୍ର ଆଉ ପ୍ରସିଦ୍ଧ ଯେ, ମନସ୍କାମନା ପୂରଣ ତଥା ମୋକ୍ଷପ୍ରାପ୍ତି ନିମନ୍ତେ ଏଠାରେ ବର୍ଷସାରା ଭକ୍ତଙ୍କ ଭିଡ଼ ଲାଗିଥାଏ...**

ଗୁଜରାଟର ଭାବନଗର ଜିଲା ଅନ୍ତର୍ଗତ ପାଲିତାନା ସହରରେ ରହିଛି ଶତ୍ରୁନଜୟ ନାମକ ଏକ ପାହାଡ଼। ଏହି ପାହାଡ଼ ଉପରେ ରହିଛି ପ୍ରାୟ ୮୬୩ଟି ଜୈନ ମନ୍ଦିର। ତନ୍ମଧ୍ୟରୁ ପ୍ରମୁଖ ଜୈନ ମନ୍ଦିର ଭାବେ ଜଣାଶୁଣା ପାଲିତାନା ମନ୍ଦିରଟି ଜୈନ୍ୟଧର୍ମର ପ୍ରଥମ ତୀର୍ଥଙ୍କର ଭଗବାନ ଋଷଭଦେବ ବା ଆଦିନାଥଙ୍କୁ ସମର୍ପିତ। ଏହି ପବିତ୍ର ସ୍ଥଳରେ ଲକ୍ଷାଧିକ ମୁନିଋଷିଙ୍କ ମୋକ୍ଷ ପ୍ରାପ୍ତି ହେବା ସହିତ ବହୁ ମହାନ୍ ଜୈନ ଧର୍ମାବଲମ୍ବୀ ନିର୍ବାଣ ପ୍ରାପ୍ତି କରିଥିବା ଜନମତ ରହିଛି। ଏପରିକି ପଞ୍ଚୁପାଣ୍ଡବଙ୍କ ମଧ୍ୟରୁ ଯୁଧିଷ୍ଠିର, ଭୀମ ଓ ଅର୍ଜୁନ ବି ଏହିଠାରେ ନିର୍ବାଣ ପ୍ରାପ୍ତି ହୋଇଥିବାର ସୂଚନା ଅଛି।

**ମନ୍ଦିରର ବାସ୍ତୁକଳା**

ପାଲିତାନା ମନ୍ଦିରରେ ବହୁ ମୂଲ୍ୟବାନ୍ ତଥା ଖୁବ୍ ଆକର୍ଷକ ଅନେକ ପ୍ରତିମା ଦେଖିବାକୁ ମିଳିଥାଏ। ତା'ଛଡ଼ା ଏହି ମନ୍ଦିରର ଅପୂର୍ବ ବାସ୍ତୁକଳାର ଚାରିଆଡେ ବେଶ୍ ଚର୍ଚ୍ଚା ମଧ୍ୟ ରହିଛି। ଉକ୍ତ ମନ୍ଦିର ଶିଖରରେ ଯେତେବେଳେ ସୂର୍ଯ୍ୟକିରଣ ପଡେ, ସେତେବେଳେ ଏହାର ଅଦ୍ଭୁତ ତଥା ଅନୁପମ ଶୋଭା ଖୁବ୍ ମନୋରମ ଲାଗିଥାଏ। ତେଣୁ ସୂର୍ଯ୍ୟୋଦୟ ପରେ ଭକ୍ତମାନେ ମନ୍ଦିରକୁ ଦର୍ଶନ ନିମନ୍ତେ ଯିବାକୁ ଆରମ୍ଭ କରିଥାନ୍ତି। କିନ୍ତୁ ସେମାନଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ମନ୍ଦିରରୁ ପ୍ରସ୍ଥାନ ନେବାକୁ ହୋଇଥାଏ। କାରଣ ଏଠାରେ ମାନ୍ୟତା ରହିଛି ଯେ, ସୂର୍ଯ୍ୟାସ୍ତ ପରେ ଭଗବାନ ମନ୍ଦିର ପ୍ରାଙ୍ଗଣରେ ଚଳପ୍ରଚଳ କରିବା ସହ ବିଶ୍ରାମ ନେଇଥାନ୍ତି। ତେଣୁ ସୂର୍ଯ୍ୟାସ୍ତ ପରେ କୌଣସି ବ୍ୟକ୍ତିଙ୍କୁ ଆଉ ପାହାଡ଼ ଉପରକୁ ଚଢି ମନ୍ଦିରକୁ ଯିବା ପାଇଁ ଅନୁମତି ଦିଆଯାଏ ନାହିଁ। ସେହିପରି ଏହି ମନ୍ଦିରକୁ ନେଇ ଆଉ ଏକ ଲୋକବିଶ୍ୱାସ ରହିଛି, ଏଠାକୁ ମାନସିକ କରି ଆସୁଥିବା ପ୍ରତି ଭକ୍ତଙ୍କର ମନସ୍କାମନା ପୂରଣ ହୋଇଥାଏ। କେବଳ ଏହି କାରଣରୁ ବର୍ଷସାରା ଏଠାରେ ଭକ୍ତଙ୍କ ଭିଡ଼ ଜମିଥାଏ। ବିଶେଷ କରି ଜୈନ ଧର୍ମାବଲମ୍ବୀ ଭକ୍ତମାନେ ଜୀବନରେ ଥରେ ହେଉନା କାହିଁକି ଏହି ତୀର୍ଥଭୂମିଙ୍କୁ ଦର୍ଶନ ନିମନ୍ତେ ଧାଇଁ ଆସିଥାନ୍ତି। ସେହିପରି ଏହି ଶତ୍ରୁନଜୟ ପାହାଡ଼ ଉପରେ ଅଙ୍ଗଦ ପୀର ନାମକ ଏକ ସିଦ୍ଧ ସ୍ଥାନ ମଧ୍ୟ ରହିଛି, ଯେଉଁଠାରେ ନିଃସନ୍ତାନ ଦମ୍ପତି ମାନସିକ କରି ପୂଜାର୍ଚ୍ଚନା କଲେ ସେମାନଙ୍କର ଆଶା ପୂରଣ ହୋଇଥାଏ ବୋଲି ଜନଶ୍ରୁତି ବି ଅଛି।

**କେମିତି ଯିବେ**

ଏହି ମନ୍ଦିରକୁ ଯିବାପାଇଁ ନିକଟତମ ବିମାନବନ୍ଦର ହେଉଛି ଗୁଜରାଟର ଭାବନଗର, ଯାହା ପାଲିତାନାଠାରୁ ପ୍ରାୟ ୫୧ କି.ମି. ଦୂରରେ ଅବସ୍ଥିତ। ଏହି ବିମାନବନ୍ଦରକୁ ମୁମ୍ବାଇ, ଦିଲ୍ଲୀ ତଥା ଅହମଦାବାଦ୍‌ରୁ ନିୟମିତ ବ୍ୟବଧାନରେ ବିମାନ ଚଳାଚଳ କରିଥାଏ। ସେହିପରି ପାଲିତାନା ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ। ପର୍ଯ୍ୟଟକ ଚାହିଁଲେ ଟ୍ରେନ୍ ଯୋଗେ ବି ଏଠାକୁ ଯାଇପାରିବେ। ତା'ଛଡ଼ା ସଡ଼କପଥରେ ଯିବାପାଇଁ ମଧ୍ୟ ଏଠାରେ ଅନେକ ସୁବିଧା ରହିଛି।





# ବନ୍ଧୁକରୁ ବାଦ୍ୟ ଯନ୍ତ୍ର

ନିକୋଲା ମୈକ୍ୟୁରା ସର୍ବିୟାର ନିବାସୀ ଅଟନ୍ତି। ସେ ନୋଭି ସାଦ ଏକାଡେମୀ ଅଫ୍ ଆର୍ଟସ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର୍ ଅଛନ୍ତି। ଆପଣ ଏକଥା ଜାଣିଥିବେ ଯେ, ସର୍ବିୟାରେ ବର୍ଷ ବର୍ଷ ଧରି ଯୁଦ୍ଧ ଲାଗି ରହିଥିଲା। ତେଣୁ ଏଠାରେ ରକେଟ୍ ଲଞ୍ଚର୍ ସହିତ ବେକାର ହୋଇଯାଇଥିବା ଅସ୍ତ୍ରଶସ୍ତ୍ରର ଏକ ବଡ ଡମ୍ପିଂ ଗ୍ରାଉଣ୍ଡ ଅଛି। ଏହି ଡମ୍ପିଂ ଗ୍ରାଉଣ୍ଡକୁ ନିକୋଲା ପ୍ରତି ସପ୍ତାହ ବୁଲିବାକୁ ଯାଆନ୍ତି। ଆଉ ଅଦରକାରୀଭାବେ ପଡି ରହିଥିବା ରାଇଫଲ୍, ହେଲମେଟ୍, ମିସାଇଲ୍ ଖୋଜି ଖୋଜି ନିଜ ଷ୍ଟୁଡିଓକୁ ନେଇ ଆସନ୍ତି। ସେହିସବୁ ବିନାଶକାରୀ ଅସ୍ତ୍ରଶସ୍ତ୍ରକୁ ସେ ନିଜର ସୃଜନଶକ୍ତିର ପ୍ରୟୋଗ କରି ସୁମଧୁର ଧ୍ୱନି ବାହାରୁଥିବା ବାଦ୍ୟରେ ରୂପାନ୍ତରିତ କରନ୍ତି। ୪୨ ବର୍ଷୀୟ ନିକୋଲାଙ୍କର ଏହି କଳାକୁ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି। ଏହି କଳା ଏବେ ଭାଇରାଲ ହେବାରେ ବି ଲାଗିଛି। ଏବେ ସେ ଆର୍ମି ଟ୍ୟାଙ୍କକୁ ବି ବାଦ୍ୟ ଯନ୍ତ୍ରରେ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି। ଏହାକୁ ସେ ଏମିତି ଏକ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟରେ ରୂପାନ୍ତରିତ କରିବାକୁ ଚାହାନ୍ତି ; ଯାହାକୁ ଏକାଥରେ ୫ ଜଣ ସଙ୍ଗିତକାର ବଜାଇପାରିବେ। ତାଙ୍କର ଆଉ ଏକ ସ୍ୱପ୍ନ ହେଉଛି ଅସ୍ତ୍ରଶସ୍ତ୍ରରେ ନିର୍ମିତ ବାଦ୍ୟ ଯନ୍ତ୍ରର ଏକ ଅର୍କେଷ୍ଟ୍ରା କରିବା। ତା'ସହ ସେହି ବାଦ୍ୟଯନ୍ତ୍ରକୁ ବଜାଇବା ପାଇଁ ଯୁଦ୍ଧରେ ଲଢିଥିବା ସୈନିକଙ୍କୁ ତାଲିମ ଦେବାକୁ ବି ଚାହାନ୍ତି। ଆଉ ସାରା ପୃଥିବୀରେ ଭ୍ରମଣ କରି ଏହି ଅର୍କେଷ୍ଟ୍ରା ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହାନ୍ତି ଯେ, 'ସଙ୍ଗିତର ଲହରି ଜାରି ରହୁ, ଯୁଦ୍ଧ ନ ହେଉ'।







# ୫୦୦୦ ଟଙ୍କିଆ ପାନ

ଦିନେ ଅମିତାଭ ବଚ୍ଚନଙ୍କ 'ଖଇକେ ପାନ ବନାରସୱାଲା' ଗୀତରୁ ବନାରସ୍‌ର ପାନ ପ୍ରସିଦ୍ଧ ହୋଇଯାଇଥିଲା। ହେଲେ ଏବେ ଆଉ ଏକ ପାନ ଲୋକପ୍ରିୟତା ହାସଲ କରିବାରେ ଲାଗିଛି। ତେବେ ସେ ବନାରସର ନୁହେଁ, ବରଂ ମହାରାଷ୍ଟ୍ର, ଔରଙ୍ଗାବାଦର। ଏହି ପାନର ବିଶେଷତ୍ୱ ହେଉଛି ଯେ, ଏହାକୁ ଖାଇବା ପାଇଁ ଆପଣଙ୍କୁ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏକ ରିପୋର୍ଟ ମୁତାବକ ଏହି ପାନର ମୂଲ୍ୟ ହେଉଛି ୫୦୦୦ଟଙ୍କା। ଏତେ ଟଙ୍କା ଜାଣି ଆଶ୍ଚର୍ଯ୍ୟ ଲାଗୁଥିବ। ହେଲେ ଔରଙ୍ଗାବାଦର ତାରା ପାନ ସେଣ୍ଟରରେ ଏହି ପାନ ଉପଲବ୍ଧ ହେଉଛି। କେବଳ ଏହି ପାନ ନୁହେଁ, ଏଠାରେ ଆହୁରି ୫୦ ପ୍ରକାରର ପାନ ମିଳୁଛି। ଏଠି ୩୦୦୦, ୨୦୦୦ଟଙ୍କିଆ ପାନ ବି ମିଳେ। ଏଠାକାର ସବୁଠୁ ମହଙ୍ଗା ପାନର ମୂଲ୍ୟ ହେଉଛି ୫୦୦୦ଟଙ୍କା। ଏହାକୁ 'କୋହିନୁର ପାନ' ବି କୁହାଯାଏ। ୩୦୦୦ଟଙ୍କିଆ ପାନ 'କପଲ୍ ପାନ' ଓ ୨୦୦୦ଟଙ୍କିଆ ପାନ 'ହନିମୁନ ପାନ' କୁହାଯାଏ। ଉକ୍ତ ପାନ ଦୋକାନର ମାଲିକ ମହମ୍ମଦ ସର୍ଫୁଦ୍ଦିନ ସିଦ୍ଦିକି ଓରଫ ସୈଫୁ ଚାଚା ଏହି ତିନି ଦାମୀ ପାନକୁ 'ହନିମୁନ ପ୍ୟାକେଜ୍ ପାନ' ନାମରେ ବିକ୍ରି କରନ୍ତି। ଏସବୁ ପାନର ବିଶେଷତ୍ୱ ହେଉଛି ଏହାର ସ୍ୱତନ୍ତ୍ର ପ୍ୟାକେଜିଂ। ଏଥିରେ ସୁନା ଓ ରୁପାର ବ୍ୟବହାର ହୁଏ। ତା'ସହ ଏଥିରେ ମହୁ, ସ୍ୱାଦଯୁକ୍ତ ଚଟଣି, ଧଳା ମୁଶଳି, ଜାଫରାନ ଓ ଅନେକ ଜଡିବୁଟିର ବ୍ୟବହାର କରାଯାଏ। ସର୍ଫୁଦ୍ଦିନ କହନ୍ତି, 'ଆଗରୁ ସବୁଠୁ ଦାମୀ ପାନର ମୂଲ୍ୟ ୧୦,୦୦୦ଟଙ୍କା ଥିଲା। ହେଲେ ଅଧିକ ମୂଲ୍ୟ ପାଇଁ ତା'ର ଚାହିଦା ବେଶି ନ ରହିବାରୁ ମୂଲ୍ୟ କମାଇ ୫୦୦୦ଟଙ୍କା କରିଦେଲି। ବିବାହ ସମୟରେ ଏହି ପାନର ଭଲ ବିକ୍ରି ହେଉଛି।'



# ରହସ୍ୟମୟ ବତିଘର

ଲାଇଟ୍‌ହାଉସ୍ ବା ବତିଘର, ରାତିରେ ଜଳଜାହାଜ ଓ ନୌକା ଚାଳକଙ୍କ ପାଇଁ ସାଜିଥାଏ ପଥପ୍ରଦର୍ଶକ। ତେବେ ନିଛାଟିଆ, ନିର୍ଜନ ସ୍ଥାନରେ ଠିଆ ହୋଇ ରହିଥିବା ଅନେକ ବତିଘର ସହ ଜଡିତ ରହିଛି କିଛି ଭୟଙ୍କର ଏବଂ ରହସ୍ୟମୟ କାହାଣୀ। ଯାହା ସମ୍ପର୍କରେ ଜାଣିଲେ ଶୀହରି ଉଠିବ ଦେହ..









**ଶୁଣିବାକୁ ମିଳେ ରହସ୍ୟମୟ ପିଆନୋ ସ୍ୱର :** ଆମେରିକା, ନ୍ୟୁ ଇଂଲଣ୍ଡସ୍ଥ ମେଇନ୍ ରାଜ୍ୟରେ ଥିବା ସେଗୁଇନ୍ ଦ୍ୱୀପରେ ଅଛି ସେଗୁଇନ୍ ଲାଇଟ୍ ହାଉସ୍। ୧୭୯୫ ମସିହାରେ ଏହାର ନିର୍ମାଣ କରାଯାଇଥିଲା। ପରେ ୧୮୫୭ରେ ଏହି ବତିଘରର ପୁନଃନିର୍ମାଣ ହୋଇଥିଲା। ଅନେକେ ଏହି ବତିଘରକୁ ହଣ୍ଟେଡ୍ ଲାଇଟ୍ ହାଉସ୍ ବା ଭୂତିଆ ବତିଘର ବୋଲି କୁହନ୍ତି। କୁହାଯାଏ ଏହି ବତିଘରେ ଜଣେ ଜଗୁଆଳି ଓ ତା ସ୍ତ୍ରୀ ରହୁଥିଲେ। ଜନବସତିଠାରୁ ବହୁତ ଦୂରରେ ଥିବାରୁ ଏକୁଟିଆପଣ ଦୂର କରିବା ଲାଗି ଜଗୁଆଳି ଜଣକ ସ୍ତ୍ରୀଙ୍କ ପାଇଁ ଏକ ପିଆନୋ ଆଣିଦେଇଥିଲେ। ହେଲେ ତାଙ୍କ ସ୍ତ୍ରୀ କେବଳ ଗୋଟିଏ ପ୍ରକାର ଧ୍ୱନି ବଜାଇବା ଜାଣିଥିଲେ ଏବଂ ତାକୁ ବାରମ୍ବାର ବଜାଉଥିଲେ। ଶେଷରେ ଜଗୁଆଳି ଜଣକ ବିରକ୍ତ ହୋଇ ରାଗରେ କୁରାଢ଼ି ଆଣି ପିଆନୋ ଭାଙ୍ଗିଦେବା ସହ ସ୍ତ୍ରୀକୁ ସେହି କୁରାଢ଼ିରେ ହାଣି ହତ୍ୟା କଲେ। ଆଉ ନିଜେ ଆତ୍ମହତ୍ୟା କରିଦେଲେ। କୁହାଯାଏ ଏବେବି ବତିଘରକୁ ବୁଲିବାକୁ ଆସୁଥିବା ଲୋକେ ପିଆନୋର ସ୍ୱର ଶୁଣିବାକୁ ପାଆନ୍ତି। ଏଥିସହିତ ଜଣେ ବୟସ୍କ ମହିଳାଙ୍କ ହସିବା ଶବ୍ଦ ଓ କେହି ସେଠାରେ ବୁଲୁଥିବାର ଅନୁଭବ ମଧ୍ୟ କରନ୍ତି।

**ଉଡ଼ିବୁଲେ ଶରୀର ବିହୀନ ମୁଣ୍ଡ :** ମାସାଚୁସେଟ୍‌ସର ପ୍ଲେମାଉଥ୍ ବେ ଲାଇଟ୍‌ହାଉସ୍ ସହ ଅନେକ ରହସ୍ୟମୟ କାହାଣୀ ଜଡିତ ରହିଛି। ୧୭୬୮ରେ ଏହି ଲାଇଟ୍ ହାଉସ୍ ନିର୍ମାଣ ହୋଇଥିଲା। ଏଠାରେ ହିନ୍ନା ଥମାସ ନାମକ ଜଣେ ମହିଳା ବତିଘର ଜଗୁଆଳି ଭାବେ କାମ କରୁଥିଲେ। ଆମେରିକାର ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣିବାକୁ ମିଳେ ଯେ, ଏବେର ବତିଘର ପ୍ରଥମ ବତିଘରଠାରୁ ବହୁତ ଭିନ୍ନ। କାରଣ ଏକ ଅଗ୍ନିକାଣ୍ଡରେ ପ୍ରଥମ ବତିଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ଏଥିରେ ହିନ୍ନାଙ୍କର ମଧ୍ୟ ଅକାଳ ମୃତ୍ୟୁ ହୋଇଥିଲା। ୧୮୦୧ ମସିହାରେ ଏଠାରେ ନୂଆ ଏକ ବତିଘର ନିର୍ମାଣ କରାଯାଇଥିଲା। ଏହାର ନିର୍ମାଣ ସମୟରେ ହିନ୍ନାଙ୍କର ଅତୃପ୍ତ ଆତ୍ମାକୁ ଅନେକେ ଦେଖିଥିବା କୁହନ୍ତି। ଅଷ୍ଟାଦଶ ଶତାବ୍ଦୀ ସମୟରେ ଜଣେ ଫଟୋଗ୍ରାଫର ଏବଂ ତାଙ୍କ ପତ୍ନୀ ଏହି ବତିଘର ନିକଟ ଘରେ ରହିବାକୁ ଆସିଥିବା ବେଳେ ଥରେ ଅର୍ଦ୍ଧରାତିରେ ତାଙ୍କ ନିଦ ଭାଙ୍ଗି ଯାଇଥିଲା ; ସେହି ସମୟରେ ସେ ଲମ୍ବା କେଶ ଥିବା ମହିଳାଙ୍କ ଶରୀର ବିହୀନ ମୁଣ୍ଡର ଆତ୍ମା ତାଙ୍କ ଖଟ ପାଖରେ ଉଡିବୁଲୁଥିବା ଦେଖିଛନ୍ତି ବୋଲି ଦାବି କରନ୍ତି ।

**ଦେଖିବାକୁ ମିଳେ ରହସ୍ୟମୟ ଛାଇ :** ୧୮୯୬ ମସିହାରେ ମିଚିଗାନ୍ ନିକଟସ୍ଥ ବିଗ୍ ବେ ସହରରେ ନିର୍ମାଣ କରାଯାଇଥିଲା ବିଗ୍ ବେ ପଏଣ୍ଟ ଲାଇଟ୍‌ହାଉସ୍। କୁହାଯାଏ ଏଚ୍. ୱିଲିୟମ୍ ପ୍ରିୟର୍ ନାମକ ଜଣେ ବ୍ୟକ୍ତି ପ୍ରଥମେ ଏହି ବତିଘରର ଜଗୁଆଳି ଥିଲେ। ସେ ନିଜ ନାବାଳକ ପୁଅ ଜର୍ଜକୁ ବି ଆସିଷ୍ଟାଣ୍ଟଭାବେ ଏଠାରେ ନିଯୁକ୍ତ କରିଥିଲେ। କିନ୍ତୁ କିଛି ଦିନ ପରେ ଜର୍ଜ ପାହାଚରୁ ପଡି ଗୁରୁତର ଆହତ ହେଲେ। ପରେ ଏହି ଆଘାତ କାରଣରୁ ସେ ପ୍ରାଣ ତ୍ୟାଗ କଲେ। ପୁଅକୁ ହରାଇ ୱିଲିୟମ୍ ମାନସିକ ଭାରସାମ୍ୟ ହରାଇ ଜଙ୍ଗଲକୁ ଚାଲିଗଲେ। ଘଟଣାର ୧୮ମାସ ପରେ ଜଣେ ଶିକାରୀ ଜଙ୍ଗଲର ଏକ ଗଛରେ କଙ୍କାଳ ଝୁଲୁଥିବାର ଦେଖିଲେ ଏବଂ ଏହା ୱିଲିୟମ୍ ପ୍ରିୟର୍‌ଙ୍କ କଙ୍କାଳ ବୋଲି ଚିହ୍ନଟ କରାଯାଇଥିଲା। ତାଙ୍କ ମୃତ୍ୟୁ ପରେ ଯିଏ ବି ଲାଇଟ୍ ହାଉସ୍‌ରେ ରହିଲେ ୱିଲିୟମ୍‌ଙ୍କ ଆତ୍ମା ତଥା ରହସ୍ୟମୟ ଛାଇ ଦେଖିଥିବାର ଦାବି କରନ୍ତି। ପରେ ଏହାକୁ ହଣ୍ଟେଡ୍ ବୋଲି ଘୋଷଣା କରିଦିଆଗଲା।

**ଏବେ ବି ରହିଛି ପୁରୁଣା ଜଗୁଆଳିର ଆତ୍ମା :** ଆମେରିକା, ମିସିଗାନ୍‌ସ୍ଥ ଲେକ୍ ମିସିଗାନ୍ ହ୍ରଦର ଉତ୍ତରପଶ୍ଚିମ ଦିଗରେ ଅଛି ସେଉଲ୍ ଚୋଇକ୍ସ ପଏଣ୍ଟ ଲାଇଟ୍ ହାଉସ୍। ୧୮୯୨ରେ ଏହି ବତିଘର ନିର୍ମିତ ହୋଇଥିଲା। ଏହି ବତିଘର ସହିତ ଅନେକ ଭୂତ କାହାଣୀ ଜଡିତ ରହିଛି। ତେବେ ଏଠାକାର ଗୋଟିଏ ଭୂତ କଥା ବେଶି ଜଣାଶୁଣା, ସେ ହେଉଛି କ୍ୟାପ୍‌ଟେନ୍ ଜନ୍ ଜୋସେଫ୍ ୱିଲି ଟାଉନ୍‌ସେଣ୍ଡଙ୍କ କଥା। ସେ ଏହି ବତିଘରେ ଦୀର୍ଘଦିନ ଧରି ଜଗୁଆଳିଭାବେ ରହିଆସୁଥିଲେ। ଟାଉନ୍‌ସେଣ୍ଡ ଜଣେ ଚେନ୍ ସ୍ମୋକର୍ ଥିଲେ। ତେବେ ତାଙ୍କ ମୃତ୍ୟୁ ପରେ ଲୋକେ କୁହନ୍ତି ଯେ,ଏହି ବତିଘରେ କେହି ନ ଥାଇ ବି ଖାଇବା ଟେବୁଲ ଉପରେ କଣ୍ଟା ଚାମଚ ଥୁଆ ହୋଇଥାଏ, ଆଖପାଖରେ କେହି ସିଗାରେଟ୍ ପିଉ ନ ଥିଲେ ବି ବହୁତ ସିଗାରେଟ୍ ଗନ୍ଧ ହୋଇଥାଏ। ଏହି ସବୁ ଆଶ୍ଚର୍ଯ୍ୟମୟ କାରଣ ଯୋଗୁ କ୍ୟାପଟେନ୍‌ଙ୍କ ଆତ୍ମା ଏବେ ବି ଘୂରି ବୁଲୁଛି ବୋଲି ଲୋକେ ବିଶ୍ୱାସ କରନ୍ତି।

**ଦେଖିବାକୁ ମିଳେ ସିପାହିଙ୍କ ଆତ୍ମା :** ଆମେରିକା ମେରୀଲାଣ୍ଡର ପୋଟୋମାକ୍ ନଦୀ ତଟରେ ଅଛି ପିନି ପଏଣ୍ଟ ଲାଇଟ୍ ହାଉସ୍। ସିଭିଲ୍ ୱାର ପରେ ଏହି ବତିଘରର କୁଖ୍ୟାତି ବଢ଼ିଯାଇଥିଲା। କାରଣ ସେତେବେଳେ ବତିଘରର ଦକ୍ଷିଣରେ କାରାଗାର କ୍ୟାମ୍ପମାନ ଲଗାଯାଇଥିଲା। ଯୁଦ୍ଧ ଶେଷରେ ଆତ୍ମସମର୍ପଣ କରିଥିବା ପ୍ରାୟ ୫୨,୦୦୦ ଯୁଦ୍ଧ ବନ୍ଦୀ ସିପାହିଙ୍କୁ ସେଠାରେ ରଖାଯାଇଥିଲା। ଆଉ ପ୍ରାୟ ୪୦୦୦ ବନ୍ଦୀଙ୍କର ମୃତ୍ୟୁ ସେଠାରେ ହୋଇଥିଲା। ମୃତକଙ୍କୁ ବତିଘର ନିକଟରେ ହିଁ କବର ଦିଆଯାଇଥିଲା। ପରେ ସେହି ସ୍ଥାନରୁ କବରଗୁଡିକୁ ହଟାଇ ଦିଆଯାଇଥିଲେ ବି ଲୋକେ ଅନେକ ସମୟରେ ମୃତ ସିପାହିଙ୍କ ଛାଇ ଦେଖିବାକୁ ପାଆନ୍ତି ବୋଲି ଦାବି କରନ୍ତି।

**ଶିଶୁ ଓ ଯୁବକର ଆତ୍ମା :** ୧୮୫୬ ମସିହାରେ ବ୍ୟାଟେରୀ ପଏଣ୍ଟ ଲାଇଟ୍ ହାଉସ୍ ନିର୍ମିତ ହୋଇଥିଲା, ଯାହା କାଲିଫର୍ନିଆର କ୍ରିସେଣ୍ଟ ସହରରେ ଅବସ୍ଥିତ। ଏଠାରେ ଗୋଟିଏ ଶିଶୁ ଏବଂ ଦୁଇଟି ଯୁବକର ଆତ୍ମା ରହିଛି ବୋଲି ଲୋକମାନଙ୍କଠାରୁ ଶୁଣିବାକୁ ମିଳେ। ହଠାତ୍ କେହି କାନ୍ଧକୁ ଛୁଇଁବା, ଆପେ ଆପେ ଚେୟାର ହଲିବା ପରି ଅନେକ ଘଟଣା ଘଟୁଥିବା କଥା ପର୍ଯ୍ୟଟକଙ୍କ ମୁହଁରୁ ଶୁଣିବାକୁ ମିଳେ।

















ବ୍ୟାକ୍ ପେଜ୍

# ପ୍ରକୃତି ଭରୁଛି ରଙ୍ଗ

**ଜା**ପାନର କଳାକାର କୋତେତ୍ସୁ ଜାପାନର ପାରମ୍ପରିକ କାଗଜ କଳା କିରି ଓ ଫଟୋଗ୍ରାଫୀର ସଙ୍ଗମରେ ସୃଷ୍ଟି କରିଛନ୍ତି ନିଆରା କାରିଗରି। ସେ କାର୍ଟୁନ ହିରୋଇନ୍‌ଙ୍କର ଚିତ୍ର କରି ତାକୁ ପାରମ୍ପରିକ ଉପାୟରେ କାଟି ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସ୍ଥାନରେ ତାକୁ ଦେଖାଇ ଫଟୋ ଉଠାନ୍ତି। ସେ ଏଭଳି ଭାବେ ଫଟୋ ଉତ୍ତୋଳନ କରିଥାଆନ୍ତି ଯେ, ଲାଗେ ସତେ ଯେମିତି ପ୍ରକୃତିର ବିଭିନ୍ନ ରଙ୍ଗରେ କାଗଜର କାରିଗରିଗୁଡିକ ରଙ୍ଗିନ ହୋଇ ଜୀବନ୍ତ ହୋଇ ଉଠନ୍ତି। ଅର୍ଥାତ୍ କୋତେତ୍ସୁ ରଙ୍ଗିନ ପେନ୍‌ସିଲ୍ ଅବା ରଙ୍ଗ ତୂଳୀ ସାହାଯ୍ୟରେ କାର୍ଟୁନ ଚରିତ୍ରଗୁଡ଼ିକରେ ରଙ୍ଗ ନ ଭରି କେତେବେଳେ ରଙ୍ଗିନ ଫୁଲ ବଗିଚା ତ କେବେ ସୂର୍ଯ୍ୟୋଦୟ-ସୂର୍ଯ୍ୟାସ୍ତ, ଆଉ କେବେ ନୀଳ ଆକାଶର ଭସା ବାଦଲ ଦୃଶ୍ୟରେ ଏହି କାଗଜ କଳାରେ ରଙ୍ଗ ଭରନ୍ତି। କୋତେତ୍ସୁଙ୍କର ଏହି କଳାକୁ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା କରାଯାଉଛି।

# ୪ ଗୁଣ ଲମ୍ବା ଜିଭ

**ପି**ଲାଙ୍କ ଦେହରେ ସାମାନ୍ୟ ଆଘାତ, ମା'ବାପାଙ୍କ ହୃଦୟ ଥରେଇଦିଏ। ଆଉ ଯଦି ପିଲା କୌଣସି ଦୁର୍ଲଭ ରୋଗରେ ଆକ୍ରାନ୍ତ ଥିବେ ତ ସେଇ ମା'ବାପାଙ୍କ ଅବସ୍ଥା କ'ଣ ହେଉଥିବ ବୁଝିପାରୁଥିବେ। ସେମିତି ଏକ ଦୁର୍ଲଭ ରୋଗରେ ଆକ୍ରାନ୍ତ ଅଟନ୍ତି ଆମେରିକାର ଓୱେନ୍ ଥମାସ୍। ସେହି ରୋଗର ନାଁ 'ବ୍ୟାକ୍‌ୱିଥ୍ ୱିଡମେନ୍ ସିଣ୍ଡ୍ରୋମ'। ଏହି ରୋଗ ପାଇଁ ଶରୀରର କିଛି ଅଂଶ ଲଗାତର ବଢ଼ିଚାଲେ। ଓୱେନ୍‌ଙ୍କର ବି ଏକ ଅଙ୍ଗ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି। ଆଉ ସେହି ଅଙ୍ଗଟି ହେଉଛି ତାଙ୍କ ଜିଭ। ଓୱେନଙ୍କ ଜିଭ ସାମାନ୍ୟଠୁ ଚାରିଗୁଣ ଅଧିକ ବଡ଼ ହୋଇଯାଇଛି। ଜନ୍ମରୁ ତାଙ୍କଠାରେ ଏହି ରୋଗ ଦେଖାଦେଇଥିଲା। ଡାକ୍ତର ପରୀକ୍ଷା କରିବାରୁ ଜାଣିପାରିଲେ ଯେ, କେବଳ ତାଙ୍କର ଅଙ୍ଗ ବଢୁଛି ତାହା ନୁହେଁ, ତାଙ୍କଠାରେ ଶ୍ୱାସକ୍ରିୟା କରିବାରେ ବି ସମସ୍ୟା ରହିଛି। ଅନେକ ସମୟରେ ଓୱେନ୍ ଶୋଇଥିବାବେଳେ ଶ୍ୱାସକ୍ରିୟା ବନ୍ଦ ହୋଇଯାଉଥିଲା। ତେଣୁ ଓୱେନଙ୍କ ମା'ବାପା ଏକ ଡିଜିଟାଲ ମନିଟର ଆଣିଲେ; ଯେଉଁଥିରେ ଓୱେନଙ୍କ ହୃଦୟର ଗତି ଓ ଅମ୍ଳଜାନ ସ୍ତର ମପା ଯାଇପାରିଲା। ଉକ୍ତ ଯନ୍ତ୍ର ପାଇଁ ଓୱେନ ଅନେକ ଥର ମୃତ୍ୟୁ ମୁହଁରୁ ବଞ୍ଚିଛନ୍ତି। ଓୱେନ ଏବେ ତିନି ବର୍ଷ ବୟସର ଅଟନ୍ତି। ଏହି ବଢୁଥିବା ଜିଭ କ୍ୟାନ୍ସର ଆଶଙ୍କା ସୃଷ୍ଟି କରିଥିଲା। ତେଣୁ ପରେ ଡାକ୍ତର ଓୱେନଙ୍କ ଜିଭ ଅସ୍ତ୍ରୋପଚାର କରି କାଟିଦେଇଥିଲେ। କିନ୍ତୁ ଜିଭ ବଢିବା ସମସ୍ୟା କମିଲା ନାହିଁ। ତେଣୁ ଡାକ୍ତର କିଛି ସ୍ଥାୟୀ ସମାଧାନ ଖୋଜୁଛନ୍ତି। ଯେମିତି କି ଓୱେନଙ୍କ ସମସ୍ୟା ସମ୍ପୂର୍ଣ୍ଣ ଦୂରେଇ ଯାଇପାରିବ।







# ଏହି ଲଙ୍କା ଖାଇଲେ ହୋଇପାରେ ମୃତ୍ୟୁ

**ଲ**ଙ୍କାର ରାଗ ଅନୁସାରେ ଏହାର ପ୍ରକାର ଭେଦ ଓ ନାମକରଣ ବି ହୋଇଥାଏ। ଖାଦ୍ୟ ଖାଇବାବେଳେ ଅନେକଙ୍କୁ ରାଗ ଲଙ୍କା ଗୋଟେ ନିହାତି ଆବଶ୍ୟକ ହୋଇଥାଏ। କିନ୍ତୁ ଜାଣନ୍ତି କି ଏମିତି ବି ଏକ ଲଙ୍କା ଅଛି ଯାହା ଏତେ ରାଗ ଯେ ତାକୁ ଖାଇଲେ ମୃତ୍ୟୁ ହୋଇପାରେ। ସେହି ଲଙ୍କାର ନାମ ହେଉଛି 'ରିପର୍'। ଏହି ଲଙ୍କା ସାଧାରଣ ଲଙ୍କାଠାରୁ ୧୫୦୦ଗୁଣ ଅଧିକ ରାଗ ଅଟେ। ଏହାକୁ ଯଦି କେହି ଏକାଥରେ ଖାଇ ଦିଅନ୍ତି ତେବେ ପାଟି ପୋଡିବା, ଲଗାତର ଲୁହ ବୋହିବା, ପେଟରେ ଭୟାନକ ଯନ୍ତ୍ରଣା, ପ୍ରବଳ ଜ୍ୱର ଭଳି ସମସ୍ୟା ସହ ଗଳା ଶୁଖିଯାଏ, ବାନ୍ତି ହୁଏ, ବେକ ଓ ମୁଣ୍ଡରେ ବ୍ୟଥା ବି ହୋଇପାରେ। ଏମିତି କି ମସ୍ତିଷ୍କର ଶିରା ସଙ୍କୁଚିତ ମଧ୍ୟ ହୋଇପାରେ। ତେବେ ଜାଣନ୍ତି କି, ଯେଉଁ ଲଙ୍କାର ଗୋଟିଏ ଖାଇବା ଅସମ୍ଭବ ସେଥିରୁ ୩ଟି ଲଙ୍କା ମାତ୍ର ୧୦ ସେକେଣ୍ଡରେ ଖାଇ ଜଣେ ବ୍ୟକ୍ତି ରେକର୍ଡ କରିଛନ୍ତି। ସେ ହେଉଛନ୍ତି କାନାଡାର ମାଇକ ଜ୍ୟାକ୍।